visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.127 Bhubaneswar Friday, July 02, 2021 ୨୪ତମ ବର୍ଷ ସଂଖ୍ୟା-୧୨୭ ଭୁବନେଶ୍ୱର ଶୁକ୍ରବାର, ଜୁଲାଇ ୦୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନୂଆଦିଲ୍ଲୀରେ ଭିଏତନାମର ଜାତୀୟ ପ୍ରତିରକ୍ଷା ମନ୍ତ୍ରୀ ଲେଫ୍ଟ ଜେନେରାଲ ଫାନ ୱାନ ଜିଆଙ୍ଗଙ୍କ ସହ ଭର୍ଚୁଆଲ କଥାବାର୍ତ୍ତା ସମୟରେ

ଗୋଟିଏ ଦିନରେ ୩୦୮୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୦୮୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୧୨୮୮୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୮୭୭୫୪୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୧୨୩୧ ରହିଛି । ଆଜି ଚିହ୍ନଟ ହୋଇଥିବା ୩୩୭୧ ଜଣଙ୍କ ମଧ୍ୟରୁ ୧୭୭୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୩୧୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୫୮୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୭୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୪୬ ଜଣ, ବରଗଡ଼ରୁ ୩୬ ଜଣ, ଭଦ୍ରକରୁ ୧୪୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩୫, କଟକରୁ ୪୬୨ ଜଣ, ଦେବଗଡ ଜିଲ୍ଲାରୁ ୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୯୫ ଜଣ, ଗଜପତି ଜିଲ୍ଲାରୁ ୧୬ , ଗଞ୍ଜାମରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୦ ଜଣ, ଯାଜପୁରରୁ ୨୦୫ ଜଣ, ଝାରସୁଗୁଡ଼ାରୁ ୦୫ ଜଣ, କଳାହାଣ୍ଡିରୁ ୧୭ ଜଣ, କନ୍ଧମାଳ ଜିଲ୍ଲାରୁ ୨୮ ଜଣ. କେନ୍ଦ୍ରାପଡ଼ାରୁ ୭୨ ଜଣ, କେନ୍ଦୁଝରରୁ ୭୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୮୪ ଜଣ, କୋରାପୁଟରୁ ୭୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୮୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୫୪ ଜଣ, ନବରଙ୍ଗପୁରରୁ ୩୫ ଜଣ, ନୟାଗଡ଼ରୁ ୧୧୦ ଜଣ, ନୂଆପଡ଼ାରୁ ୬ ଜଣ, ପୁରୀରୁ ୧୮୯ ଜଣ, ରାୟଗଡ଼ାରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୧ ଜଣ, ସୋନପୁରରୁ ୨୪ ଜଣ, ସୁନ୍ଦରଗଡ଼ରୁ ୫୯ ଜଣ ଓ ଷ୍ଟେଟ୍ ପୁଲରୁ ୯୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ସୁକାନ୍ତ ପଣ୍ଡା ଓଏସଡି ନିଯୁକ୍ତ

ଭୁବନେଶ୍ୱର, ୧।୭(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀ ସୁକାନ୍ତ କୁମାର ପଣ୍ଡାଙ୍କୁ ଓଏସଡି ଭାବେ ନିଯୁକ୍ତ କରାଯାଇଛି । ଅବସର ପରେ ଶ୍ରୀ ପଣ୍ଡାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଆଜିଠାରୁ ଏକ ବର୍ଷ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟକରିବେ। ଏସମ୍ପର୍କରେ ଗୁରୁବାର ଦିନ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି ।

୫୦% କର୍ମଚାରୀଙ୍କୁ ନେଇ ଚାଲିବ ସରକାରୀ ଅଫିସ୍

ଭୁବନେଶ୍ୱର, ୧।୭(ପି.ଏନ): ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକ ଜୁଲାଇ ୧୫ତାରିଖ ପର୍ଯ୍ୟନ୍ତ ଅତିକମରେ ୫୦% କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ। ଉପସଚିବ ଓ ତଦୂର୍ଦ୍ଧ୍ୱ ପାହ୍ୟାର ଅଫିସରମାନେ ପ୍ରତିଦିନ ଅଫିସ ଆସିବେ। ଯେଉଁ କର୍ମଚାରୀମାନେ ଦୁଇଟି ଡୋଜ୍ କୋଭିଡ୍ ଟିକା ନେଇଥିବେ ସେମାନେ ଅଫିସ୍ ଆସିବା ବାଧ୍ୟତାମୂଳକ। ତେବେ ଭିନ୍ନକ୍ଷମ ଓ ଗର୍ଭବତୀ ମହିଳାଙ୍କୁ ଅଫିସ୍ ଆସିବା ଓ ୱାର୍କ ଫ୍ରମ ହୋମରୁ ବାଦ୍ ଦିଆଯାଇଛି। ଗୁରୁବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ।ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟସଚିବ ସଞ୍ଜିବ ଚୋପ୍ରା ଜୁଲାଇ ୧ରୁ ୧୫ତାରିଖ ପର୍ଯ୍ୟନ୍ତ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କଟକ ଓ ଭୁବନେଶ୍ୱରରେ ଥିବା ବିଭାଗୀୟ ଅଫିସ ଓ ବିଭାଗୀୟ ମୁଖ୍ୟ ଦପ୍ତରରେ କେଉଁ କର୍ମଚାରୀ ଅଫିସ୍ ଆସିବେ ତାହା ସମ୍ପୃକ୍ତ କାର୍ଯ୍ୟାଳୟର ମୁଖ୍ୟ ନିଷ୍ପତି ନେବେ। ସମ୍ପୂର୍ଣ୍ଣ ଟିକାକରଣ ହୋଇନଥିବା କର୍ମଚାରୀ ଓ ରୋଷ୍ଟର ଆଧାରରେ ଅଫିସ୍ ଆସିବା ନିଷ୍ପତି ସମ୍ପୃକ୍ତ କାର୍ଯ୍ୟାଳୟର ମୁଖ୍ୟ ନେବେ। ମାତ୍ର ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଅଫିସ୍ ଯଥା- ଏସଆରସି ଓ ଓସଡମା ଅଫିସ, ପୁଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟସେବା, ପୌର ସେବା ଆଦି କାର୍ଯ୍ୟାଳୟଗୁଡ଼ିକ ସମ୍ପୂର୍ଣ୍ଣ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ। ଏହାବ୍ୟତୀତ ଯେଉଁ କର୍ମଚାରୀମାନଙ୍କୁ ରୋଷ୍ଟର ଡ୍ୟୁଟି ଆବଂଟନ ହୋଇନଥିବ ସେମାନେ ନିଶ୍ଚିତ ଭାବେ ଭିପିଏନ୍ ମାଧ୍ୟମରେ ଘରୁ ରହି ନିୟମିତ ଓ ବକେୟା ଅଫିସ୍ କାର୍ଯ୍ୟ କରିବ। ଯଦି କିଛି ଜରୁରୀ ପଡ଼େ ତା'ହେଲେ ଟେଲିଫୋନ୍ ମାଧ୍ୟମରେ ସବୁ ସମୟରେ ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।ଅଧସ୍ତନ ଅଫିସଗୁଡ଼ିକରେ କେତେ ସଂଖ୍ୟକ କର୍ମଚାରୀ କାର୍ଯ୍ୟ କରିବେ ସେ ନିଷ୍ପତି ସେମାନଙ୍କର ପ୍ରଶାସନିକ ବିଭାଗ କରିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି ।

ସୀମାନ୍ତରେ ଏନକାଉଂଟର ଜଣେ ମାଓବାଦୀ ମୃତ

ମାଲକାନଗିରି, ୧।୭(ପି.ଏନ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟ ବସ୍ତର ଜିଲ୍ଲାର ଦରଭା ଥାନା ଅନ୍ତର୍ଗତଏଲଗାନାର ଜଙ୍ଗଲରେ ସର୍ଚ୍ଚ ଅପରେସନ ରେ ଯାଇ ଥିବା ଡି ଆର ଜି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନି ମୟ ହୋଇଥିଲା !ଦୀର୍ଘ ସମୟଧରି ସେମାନଙ୍କ ମଧ୍ୟରେ ଗୁଳିବିନିମୟ ହେବା ପରେ ମାଓବାଦୀ ମାନେ ଛତ୍ର ଭଙ୍ଗ ଦେଇ ପଳାଇଥିଲେ !ପରେ ଯବାନ ଉକ୍ତ ଅଂଚଳରେ ସର୍ଚ୍ଚ କରିବାରୁ ଜଣେ ପୁରୁଷ ମାଓବାଦୀ ମାରିପଡ଼ିଥିବା ଓ ନିକଟରେ ଗୋଟିଏ ୩୦୩ ବନ୍ଧୁକ ପଡ଼ିଥିବା ଦେଖିଥିଲେ !ଯବାନ ମାନେ ମୃତ ମାଓବାଦୀ ର ଶବ ଓ ବନ୍ଧୁକ ଉଦ୍ଧାର କରି ଦରଭା ଥାନାକୁ ଆଣିଥିଲେ !ମୃତ ମାଓବାଦୀ ର ପରିଚୟ ମିଳିପାରିନଥିବା ବସ୍ତର ଆଇଜି ପି ସୁନ୍ଦରରାଜ ପ୍ରକାଶ କରିଛନ୍ତି !

ବିଶାଲ ମଲ୍ ସିଲ୍

ଭୁବନେଶ୍ୱର, ୧।୭(ପି.ଏନ): କୋଭିଡ୍ ଗାଇଡ୍ ଲାଇନ୍ ଉଲ୍ଲଂଘନ ଅଭିଯୋଗରେ ଭୁବନେଶ୍ୱର ଇନ୍ଦ୍ରଧନୁ ମାର୍କେଟରେ ଥିବା ବିଶାଲ ମେଗାମାର୍ଟ ମଲ୍ ସିଲ୍ ହୋଇଛି । ବିଶାଲ୍ ମଲକୁ ବିଏମସିର ଏନଫୋର୍ସମେଂଟ ସ୍କ୍ୱାଡ୍ ସିଲ୍ କରିଛି । ଭୁବନେଶ୍ୱରରେ ଏନଫୋର୍ସମେଂଟକୁ ଅଧିକ କଡ଼ାକଡ଼ି କରିବ ବିଏମସି । ଏଥିପାଇଁ ଏନଫୋର୍ସମେଂଟ ସ୍କ୍ୱାଡ୍ ସଂଖ୍ୟା ବୃଦ୍ଧି କରାଯାଇଛି । ମାର୍କେଟ ବା ହାଟ ବଜାରକୁ ଯାନବାହନ ନେଇ ଯିବାକୁ ଅନୁମତି ଦିଆଯାଇନାହିଁ । ତଥାପି ଅଧିକାଂଶ ଲୋକ ଗାଡ଼ି ଧରି ମାର୍କେଟ୍ ଯାଉଛନ୍ତି। ଗାଇଡଲାଇନ୍ ଖିଲାପକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଧିକ ଜରିମାନା ଆଦାୟ ସହ ଯାନବାହନକୁ ଜବତ କରାଯିବ ବୋଲି କହିଛନ୍ତି ବିଏମସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ।

ଜୁଲାଇ ୩୦ରୁ ମାଟ୍ରିକ୍ ଅଫଲାଇନ୍ ପରୀକ୍ଷା : ୫ରୁ ଅନଲାଇନ୍ ରେ ଫର୍ମ ପୂରଣ

ଭୁବନେଶ୍ୱର, ୧।୭(ପି.ଏନ): ମାଟ୍ରିକ ମୂଲ୍ୟାୟନରେ ଅସନ୍ତୁଷ୍ଟ ଥିବା ଛାତ୍ରଛାତ୍ରୀମାନେ ଅଫଲାଇନ୍ ପରୀକ୍ଷା ହେବେ। ସେଥିପାଇଁ ଜୁଲାଇ ୩୦ ତାରିଖରୁ ଅଗଷ୍ଟ ୫ ତାରିଖ ଯାଏଁ ଅଫ୍ ଲାଇନ୍ ପରୀକ୍ଷା ହେବ। ଅଫ୍‌ଲାଇନ୍ ପରୀକ୍ଷା ପାଇଁ ଅନ୍ ଲାଇନ୍‌ରେ ଫର୍ମ ପୂରଣ କରିବାକୁ ପଡ଼ିବ। ଜୁଲାଇ ୫ରୁ ଜୁଲାଇ ୧୪ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ ହେବ। ପରୀକ୍ଷା ନିମନ୍ତେ ସବୁ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଫିସ୍ ଛାଡ଼ କରାଯାଇଛି ।ଉଲ୍ଲେଖ୍ୟଯୋଗ୍ୟ ଯେ ମହାମାରୀ କରୋନା ପାଇଁ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ହୋଇନଥିଲା। ସେଥିପାଇଁ ବିନା ପରୀକ୍ଷା ଗତ ୨୫ ତାରିଖରେ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଏଥର ୯୭.୮% ଛାତ୍ରଛାତ୍ରୀ ପାସ୍ କରିଥିଲେ। ମୋଟ ୫, ୭୪,୧୨୫ ପିଲାଙ୍କର ମୂଲ୍ୟାୟନ କରାଯାଇଥିଲା। ସେଥିରୁ ୫,୬୨, ୦୧୦ ଜଣ ପାସ୍ କରିଥିଲେ। ୭୭୦୩ ଛାତ୍ରଛାତ୍ରୀ ଫେଲ୍ ହୋଇଥିବା ବେଳେ ସେଥିରୁ ୪୪୧୨ ପିଲା ଅନୁପସ୍ଥିତ ରହିଥିଲେ। ତେବେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କେତେକ ଛାତ୍ରଛାତ୍ରୀଙ୍କର ଆଶାଠାରୁ କମ୍ ମାର୍କ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ସମଗ୍ର ରାଜ୍ୟରେ ପ୍ରତିବାଦ କରିଥିଲେ ଛାତ୍ରଛାତ୍ରୀ ଓ ଅଭିଭାବକ।

ବସ୍ ଚଳାଚଳ ପାଇଁ ଜାରି ହେବ ଗାଇଡ୍ ଲାଇନ୍ : ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୧।୭(ପି.ଏନ): ଜୁଲାଇ ମାସର କରୋନା ଗାଇଡ୍ ଲାଇନ୍ ରେ ୨୦ ଟି ଜିଲ୍ଲାରେ ବସ୍ ଚଳାଚଳ ପାଇଁ ଅନୁମତି ମିଳିଛି। ବସ୍ ଚଳାଚଳ ପାଇଁ ଗାଇଡ୍ ଲାଇନ୍ ଜାରି କରାଯିବ ବୋଲି କହିଛନ୍ତି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା। ସେ କହିଛନ୍ତି ଯେ ବସ୍ ଚଳାଚଳ ନେଇ ପରିବହନ ବିଭାଗ ପକ୍ଷରୁ ଆରଟିଓ ଓ ବସ୍ ସଂଘ ଗୁଡ଼ିକୁ ଗାଇଡ୍‌ଲାଇନ୍ ଦିଆଯିବ। ବସ୍ ରେ ଥିବା ସିଟ୍ କ୍ଷମତା ଅନୁସାରେ ଯାତ୍ରୀମାନେ ଯାଇପାରିବେ। ବସ୍ ରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯିବ। ପରିବହନ ମନ୍ତ୍ରୀ କହିଛନ୍ତି ଯେ ଯେଉଁ ଜିଲ୍ଲା ଗୁଡ଼ିକରେ ବସ୍ ଚଳାଚଳ ପାଇଁ ଅନୁମତି ଦିଆଯାଇଛି, ସେହି ଜିଲ୍ଲା ଗୁଡ଼ିକ ମଧ୍ୟରେ ବସ୍ ଚଳାଚଳ କରିପାରିବ। ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ସ୍ଥିତିକୁ ଦେଖି ଗତକାଲି ରାଜ୍ୟରେ ଜୁଲାଇ ୧୬ ସକାଳ ୫ଟା ପର୍ଯ୍ୟନ୍ତ ଆଂଶିକ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ବେଳେ ୨୦ଟି ଜିଲ୍ଲାରେ ବସ୍ ଚଳାଚଳକୁ ବି ଅନୁମତି ଦିଆଯାଇଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି, ଗଂଜାମ, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାକୁ 'ଏ' କ୍ୟାଟେଗୋରୀରେ ରଖାଯାଇଛି। ଏହି ସବୁ ସ୍ଥାନରେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନବଜାର ଖୋଲିବାକୁ ଅନୁମତି ଦିଆଯିବା ସହିତ ବସ୍ ଓ ଟ୍ୟାକ୍ସି ଚଳାଚଳକୁ ଅନୁମତି ଦିଆଯାଇଛି। ଅନ୍ୟପକ୍ଷରେ ବି କ୍ୟାଟେଗୋରୀରେ ଥିବା ୧୦ ଟି ଜିଲ୍ଲାରେ ବସ୍ ଚଳାଚଳକୁ ଅନୁମତି ମିଳିନାହିଁ ।

୫ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧।୭(ପି.ଏନ): ରାଜ୍ୟରେ ମୌସୁମୀ ପ୍ରବାହ ଦୁର୍ବଳ ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ୫ ଟି ଜିଲ୍ଲା ଯଥା ମାଲକାନଗିରି, କୋରାପୁଟ, ନୟାଗଡ , କଟକ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ସେହିପରି ୨୩ ଟି ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ , ଜଗତସିଂହପୁର, ପୁରୀ ,ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ , ଢେଙ୍କାନାଳ, କନ୍ଧମାଳ, କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି , ବୌଦ୍ଧ ଓ ଅନୁଗୁଳ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ଯେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୨ ତାରିଖ ସକାଳ ଠାରୁ ୩ ତାରିଖ ସକାଳ ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସମ୍ବଲପୁର, ସୁବର୍ଣ୍ଣପୁର, ଅନୁଗୁଳ, ଢେଙ୍କାନାଳ , କଟକ , ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ମଧ୍ୟ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଭୁବନେଶ୍ୱର ଏମସ୍ ରେ ପହଂଚିଲା ଇକମୋ ମେସିନ୍

ଭୁବନେଶ୍ୱର, ୧।୭(ପି.ଏନ): ଭୁବନେଶ୍ୱର ସ୍ଥିତ ଏମସ୍‌ରେ ପହଂଚିଛି ଇକମୋ ମେସିନ। ଆସନ୍ତା ଜୁଲାଇ ୧୫ ସୁଦ୍ଧା ଭୁବନେଶ୍ୱରଏମସ୍ ରେ ଏହା କାର୍ଯ୍ୟକ୍ଷମ ହେବ। ଗତ ୨୯ ତାରିଖରେ ଇକମୋ ମେସିନ୍ ପହଂଚିଥିବା ଭୁବନେଶ୍ୱର ଏମସ୍ ଅଧୀକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତମାନ ଏମସ୍ ରେ ଇକମୋ ମେସିନର ସଂସ୍ଥାପନ କାମ ଚାଲିଛି। ଖୁବ୍ ଶୀଘ୍ର ଏମ୍ କୁ ଦ୍ୱିତୀୟ ଇକମୋ ମେସିନ୍ ଆସିବ। ଓଡ଼ିଶାରେ ଏହି ମେସିନ୍ ନଥିବାରୁ ବହୁ ରୋଗୀ ହଇରାଣ ହେଉଥିଲେ। ଏପରିକି କୋଭିଡ୍ ସମୟରେ ଇକମୋ ଚିକିତ୍ସାର ଆବଶ୍ୟକତା ବଢ଼ିଥିବାରୁ ଓଡ଼ିଶାର ବହୁ ରୋଗୀ ଏୟାରିଲିଫ୍ଟିଂ ହୋଇ ବାହାରକୁ ସ୍ଥାନାନ୍ତର ହୋଇଛନ୍ତି। ଏହି ନେବା ଆଣିବା ଏକ ବ୍ୟୟବହୁଳ ହୋଇଥିବାରୁ ରୋଗୀଙ୍କ ସମ୍ପର୍କୀୟ ଆର୍ଥିକ ସହୟତା ପାଇଁ ନେହୁରା ହେଉଥିଲେ। ଫଳରେ ମେସିନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜୀବନ ରକ୍ଷାକାରୀ ଇକମୋ ମେସିନ ଏମ୍‌ସରେ ଲାଗିବ ବୋଲି ଏହାର ଅଧୀକ୍ଷକ ଡା.ସଚ୍ଚିଦାନନ୍ଦ ମହାନ୍ତି ସୂଚନା ଦେଇଥିଲେ ।

ସରକାରଙ୍କ ଅବସରପ୍ରାପ୍ତ ଶିକ୍ଷକ ପ୍ରୀତି ବେକାରଙ୍କ ମନୋବଳ ଭାଙ୍ଗୁଛି, ପିଲାଙ୍କୁ ମିଳୁନି ସୁଫଳ, ଭୁଶୁଡି ପଡୁଛି ଶିକ୍ଷା

ରାଉରକେଲା,୧।୭(ପି.ଏନ): ରାଜ୍ୟ ସରକାର ବର୍ତମାନ ଖାଲି ପଡିଥିବା ଉଭୟ ପ୍ରାଥମିକ ଓ ହାଇସ୍କୁଲ ଗୁଡିକରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ନିଯୁକ୍ତି ନଦେଇ ୬୦ ବର୍ଷ କାଳ ଚାକିରୀ କରି ହାଲିଆ ହୋଇ ନାତି ନାତୁଣୀ ଖେଳାଉଥିବା ଶିକ୍ଷକ ମାନଙ୍କୁ ପୁଣି ଟିଚର ଅନ କଲରେ ନିଯୁକ୍ତି ଦେଇ ଚାଲିଛନ୍ତି । ଏହାଦ୍ୱାରା ବେକାର ଥିବା ଯୁବକ ଯୁବତୀ ଅବହେଳିତ ହେବା ସହ ପରିଣତ ବୟସରେ ଆଖିକୁ ସଠିକ୍ ଭାବେ ଦେଖା ଯାଉନଥିବା ଚିଡ ଚିଡା ଭାବ ଆସିଥିବା ଏହି ଶିକ୍ଷକ ମାନେ ବିଦ୍ୟାଳୟ ଗୁଡିକୁ ଆସି ବସି ରହୁଛନ୍ତି । ନାନା ପଲିଟିକ୍ସ କରିବା ସହ ପିଲାଙ୍କୁ ଠିକ୍ ଭାବେ ପାଠ ମଧ୍ୟ ପଢାଉନଥିବାର ଅଭିଯୋଗ ହୋଇଛି । ଏଭଳି ବ୍ୟବସ୍ଥା ଏକ ପ୍ରକାର ଶିକ୍ଷା ବ୍ୟବସ୍ଥା ପ୍ରତି ଉପହାସ କରିବା ସଦୃଶ ବୋଲି କୁହାଯାଉଛି । ଏଭଳି ସ୍ଥିତି ସୁନ୍ଦରଗଡ ଜିଲ୍ଲାରେ ଦେଖାଯାଇଛି । ଜିଲ୍ଲାରେ ଉଭୟ ବିଦ୍ୟାଳୟ ଥିବା ଯାଗାରେ ଏହି ଶିକ୍ଷକ ମାନେ ହାଇସ୍କୁଲ ଛଡା ପ୍ରାଥମିକ ବିଦ୍ୟାଳୟକୁ ଯାଉନଥିବା ବେଳେ , କେତେକ ସ୍ଥାନରେ ଗୋଟିଏ କ୍ଲାସ କରି ତୁଳଉଥିବା ଅଭିଯୋଗ ହୋଇଛି । ବର୍ତମାନ ଲାଗି ରହିଥିବା କରୋନା ଭଳି ସମୟରେ ପିଲା ମାନଙ୍କୁ ଅନଲାଇନ ପାଠ ପଢାଯାଉଛି , ଏଥିଲାଗି ମୋବାଇଲରେ ଦେଖିବା ସାଙ୍ଗକୁ ଆଧୁନିକ ବ୍ୟବସ୍ଥା ମଧ୍ୟ ସରକାର କରୁଛନ୍ତି , କିନ୍ତୁ ଏହି ଅନଲାଇନ ଭଳି କ୍ଲାସକୁ ଏହି ଶିକ୍ଷକ ମାନେ କେତେ କରିପାରୁଛନ୍ତି, ତାହା ଜିଲ୍ଲା ଶିକ୍ଷା ଅଧିକାରୀ ହିଁ ଜାଣିଥିବେ । ତେବେ ଏଭଳି ବ୍ୟବସ୍ଥା ପଛରେ କେତେ ହରିଲୁଟର ସୁରାକ ମିଳୁଛି । କେତେକ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଏସବୁ ସୁବିଧା ଦେବାଲାଗି ସେମାନ

ଟି ଟାଇମ୍

ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ (୧୮୩୫-୧୯୦୪)

❖ ନାସା ପ୍ରଥମ ସକ୍ରିୟ ସାଟେଲାଇଟ୍ ରିଲେ-୧କୁ ମହାଆକଶକୁ ପଠାଇଥିଲା (୧୯୬୨)

❖ ଭାରତୀୟ ସଂସଦ ଭବନରେ ଆତଙ୍କବାଦୀଙ୍କ ଆକ୍ରମଣ, ଆତଙ୍କବାଦୀ ସମେତ ୧୨ ମୃତ (୨୦୦୧)

❖ ଭାରତୀୟ ଅର୍ଥଶାସ୍ତ୍ର ବିଶାରଦ ସଂଜୟ ଲାଲଙ୍କ ଜନ୍ମ (୧୯୪୦-୨୦୦୫)

❖ ଭାରତୀୟ ଅଭିନେତ୍ରୀ ତଥା ଗୀତିକାର ସ୍ୱସ୍ତିକା ମୁଖାର୍ଜୀଙ୍କ ଜନ୍ମ (୧୯୮୦)

❖ ଭାରତୀୟ ବିଜ୍ଞାନ ଓ ପ୍ରଦ୍ୟୋଗିକ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ଜନ୍ମ (୧୯୫୪)

ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

ସାନିଟେସନ୍ ଚାମ୍ପିଆନ୍ ମୌଦ୍ରିତା

ଜାମସେଦପୁର ଯେଉଁ ବୟସରେ ଶିଶୁମାନେ ନିଜ ପକେଟ ମନିକୁ ଆଇସ୍‌କ୍ରିମ୍, ଭଲ ପୋଷାକ, ମନ ପସନ୍ଦର ଖେଳଣା କିଣିବାରେ ଖର୍ଚ୍ଚ କରନ୍ତି ସେହି ବୟସରେ ଯଦି ଜଣେ ଶିଶୁ ନିଜ ସଞ୍ଚିତ ଅର୍ଥକୁ ଶୌଚାଳୟ ତିଆରି ବାବଦରେ ଖର୍ଚ୍ଚ କରେ ତେବେ ନିଶ୍ଚିତ ଏହି ପଦକ୍ଷେପକୁ ପ୍ରଶଂସା କରିବେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜାମସେଦପୁରରେ। ହିଲ୍‌ଟପ୍ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ମୌଦ୍ରିତା ଚାଟାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତା ଅଭିଯାନରେ ପ୍ରେରିତ ହୋଇ ଶୌଚାଳୟ ନିର୍ମାଣ ପାଇଁ ନିଜ ସଂଚିତ ଅର୍ଥ ପ୍ରଦାନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ସେ ନିଜ ଅର୍ଥରେ ଦୁଇଟି ଶୌଚାଳୟ ନିର୍ମାଣ କରିସାରିଲେଣି । ମୌଦ୍ରିତାଙ୍କ ଏହି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିବା ସହ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ମଧ୍ୟ ମୌଦ୍ରିତାଙ୍କୁ ସମ୍ମାନୀତ କରିଛନ୍ତି ।

ପୁରାଣ କାହାଣୀ

ପଣ୍ଡୁ ଓଷା

ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବ୍ୟେଦ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥ। ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣା ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖି ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଟ୍ଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ ।

କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋଫାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ

ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛ

ର୍ୟାଗିଂ: ଏକ ଅଶୋଭନୀୟ ମାନସିକତା

ଭୁବନେଶ୍ୱର (ପିଏନ୍): କେବଳ ଓଡ଼ିଶା ନୁହେଁ ଆଜି ଭାରତର ପ୍ରମୁଖ ଶିକ୍ଷାୟତନରେ ଏକ ପ୍ରକାର ଅଶ୍ୱସ୍ତିକର ବାତାବରଣ। ଜ୍ଞାନର ପୂଜାପୀଠ, ବୌଦ୍ଧିକ ଚିନ୍ତନର କ୍ଷେତ୍ର ଓ ଶିକ୍ଷା ତଥା ଜୀବନ ନୀତି ନିର୍ଦ୍ଧାରଣର ଏକାନ୍ତ କ୍ଷେତ୍ର କୁହାଯାଉଥିବା ଏହି ସ୍ଥାନରେ ପିଲାମାନଙ୍କ ବିଚାରଧାରାର ବିଭ୍ରମତା ଦେଖାଯାଇଛି। ଫଳସ୍ୱରୂପ ଛାତ୍ର ସମାଜ ବିପଦଗାମୀ ହେଉଛନ୍ତି। ନିକଟଅତୀତରେ ରେଭେନ୍ସା ପରି ପୁରାତନ ଓ ଗୌରବାନ୍ୱିତ ବିଶ୍ୱବିଦ୍ୟାଳୟ ପରିସରରେ ଜଣେ ଛାତ୍ରଙ୍କୁ ର୍ୟାଗିଂ କରାଯିବା ଘଟଣା ଲଜ୍ଜାକର ପରିସ୍ଥିତି ସୃଷ୍ଟି କରିଥିଲା। ଶିକ୍ଷାୟତନରେ ସରକାରୀ କ୍ଷେତ୍ରରେ ର୍ୟାଗିଂକୁ ନିଷିଦ୍ଧ କରାଯାଇଛି। ସର୍ବଭାରତୀୟ ସ୍ତରରେ ର୍ୟାଗିଂ ନିର୍ଯାତନା କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଚତୁର୍ଥ। ଜାତୀୟ ଆଞ୍ଚି ର୍ୟାଗିଂ ହେଲପ୍ ଲାଇନର ତଥ୍ୟ ଅନୁଯାୟୀ ଗତ ଦଶବର୍ଷ ଭିତରେ ସାରା ଦେଶରେ ମୋଟ ୩୦୮୫ଟି ର୍ୟାଗିଂ ଆସିଛି। ଉତ୍ତର ପ୍ରଦେଶରେ ସର୍ବାଧିକ ୫୧୨, ପଶ୍ଚିମବଙ୍ଗରେ ୩୭୯, ମଧ୍ୟପ୍ରଦେଶରେ ୩୧୫ ଓ ଓଡ଼ିଶାରେ ୨୮୯ଟି ର୍ୟାଗିଂ ହୋଇ ଏହା ଚତୁର୍ଥ ସ୍ଥାନ ଅଧିକାର କରିଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସି ଏ ନେଇ ଚିନ୍ତା ପ୍ରକଟ କରିବା ସହ ମାନ୍ୟବର ସୁପ୍ରିମକୋର୍ଟ, ୧୯୯୪ ଓ ୨୦୧୧ରେ ସେହିପରି ଓଡ଼ିଶା ହାଇକୋର୍ଟ ୧୯୯୧, ୨୦୦୪ ଓ ୨୦୧୨ରେ ଏ ନେଇ କଡ଼ା ଓ କଠୋର ଆଭିମୁଖ୍ୟ ପ୍ରକଟ ସହ ଏ ନେଇ ଐତିହାସିକ ରାୟ ମଧ୍ୟ ଦେଇଛନ୍ତି। ଅନୁଶାସନ ଓ ଛାତ୍ର ପରମ୍ପରାର ବିଚିତ୍ର ଆଦବ କାଇଦାକୁ ନେଇ କିଛି ପିଲା ଏପରି ଅମାନୁସିକ କାଣ୍ଡ ଘଟାଇଥାନ୍ତି। ଯାହା ପରବର୍ତ୍ତୀ ସମୟରେ ଏକ ପ୍ରକାର ମନୋମାଳିନ୍ୟ ସହ ଓ ଅସାମାଜିକତାକୁ ପ୍ରଶୟ ଦେଇଥାଏ। ଜଣେ ଶିକ୍ଷକ ଛାତ୍ରର ଆଚରଣର ସୁଧାର ପାଇଁ ଅନୁଶାସନ କରିଥାନ୍ତି। କିନ୍ତୁ ଏହା ନାମରେ କେତେକ ସ୍ଥାନରେ ମଧ୍ୟ ଶିକ୍ଷକମାନେ ଦଣ୍ଡର ସୀମାକ୍ରିକ୍ରମ ଲକ୍ଷ୍ମଣରେଖା ଡେଇଁ ପିଲାମାନଙ୍କୁ ମାନସିକ ଓ ଶାରୀରିକ ଭାବରେ ଭୟାନକ ଦଣ୍ଡବିଧାନ କରିଥାନ୍ତି। କେତେକ କ୍ଷେତ୍ରରେ କୋମଳମତି ଶିଶୁଙ୍କ ଜୀବନଦୀପ ନିର୍ବାପିତ ହୋଇଯାଇଥାଏ ଏହି ଅନୁଶାସନର ପଛରେ ଥିବା ର୍ୟାଗିଂକୁ ନେଇ। ଆମ ଗାଁଗହଳିରେ କିଛି ବାପ-ମାଆଙ୍କ ଭିତରେ ଏକ ବିଚିତ୍ର ମାନସିକତା ରହିଥାଏ, ତାହା ହେଉଛି ସେମାନେ ଶିକ୍ଷକଙ୍କୁ କହିଥାନ୍ତି ମୋ' ପିଲାଟିକୁ ଭଲ ମଣିଷ କରିବା ପାଇଁ ଆଖି ଦୁଇଟି ଛାଡ଼ି ତା ଭୁଲ କଲେ ଆଉ ସବୁଆଡ଼େ ମାଡ଼ ଦେଇପାରିବେ। ଏଇଠି ଗୋଟିଏ ଭୁଲ ରହିଯାଇଥାଏ। ଅନେକ ହୁଏତ ଜାଣିନଥାନ୍ତି ପିଲାଙ୍କୁ ମାଡ଼ ମାରି ବା ଭୟ ଦେଖାଇ କଠୋର ଅନୁଶାସନ ଅପେକ୍ଷା ସ୍ନେହ, ଶ୍ରଦ୍ଧା ଓ ଅନୁକରଣୀୟ ଆଦର୍ଶ ବ୍ୟକ୍ତିତ୍ୱ ଦ୍ୱାରା ବରଂ ସେମାନଙ୍କୁ ସଠିକ୍ ରାସ୍ତାରେ ନେଇହେବ। ଆଜିର ପିଲାମାନେ ପରିବର୍ତ୍ତିତ ହାଇଟେକ୍ ଓ ଇଞ୍ଚରନେଟ୍ ଯୁଗରେ ହାତପାଆନ୍ତାରେ ମୋବାଇଲ, ଟିଭି ଓ ଫେସ୍‌ବୁକ୍‌ର ମାୟାରେ ନିଜ ଜୀବନକୁ ବି ଏକ ପ୍ରକାର ଭୁଲି ଯାଉଛନ୍ତି। କହିବାକୁଗଲେ ର୍ୟାଗିଂ ହେଉଛି ଏକ ପ୍ରକାର ବିଚିତ୍ର ମାନସିକତା। ମୋ ଡାକ୍ତରୀ ପାଠପଢ଼ା ଜୀବନଠାରୁ ମନସ୍ତାତ୍ତ୍ୱିକ ଓ ମାନସିକ ରୋଗ ଚିକିତ୍ସା ପରି ଏକ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଜୀବନ ଭିତରେ ମୁଁ ଦେଖିଛି ଯେ ର୍ୟାଗିଂ ପରି ଭୟଙ୍କର ନିର୍ଯାତନା ଜଣଙ୍କ ଜୀବନକୁ କିପରି ଗଭୀର ଭାବରେ କୁପ୍ରଭାବ ପକାଇଥାଏ। କେତେକ କ୍ଷେତ୍ରରେ ର୍ୟାଗିଂର ଶିକାର ହୋଇ ମୁମୂର୍ଷୁପ୍ରାୟ ଜୀବନ ତ ଚାଲିଯାଏ, କେତେକ କ୍ଷେତ୍ରରେ ସେମାନେ ସାରା ଜୀବନ ବିକଳାଙ୍ଗ ହୋଇଯାଆନ୍ତି। କେତେକ କ୍ଷେତ୍ରରେ ଦେଖାଯାଏ ର୍ୟାଗିଂ କରୁଥିବା ଚରିତ୍ରମାନେ ପୂର୍ବରୁ ମାନସିକ ପ୍ରସ୍ତୁତି ହୋଇ, ଏପରିକି କେତେକ ନିଶାଦ୍ରବ୍ୟ ସେବନ କରି ଏକ ଭିନ୍ନ ମିଜାସରେ ଅନ୍ୟ ଜଣଙ୍କୁ ଯନ୍ତ୍ରଣା ଦେଇ ଏକ ଆସୁରିକ ଆନନ୍ଦ ପାଇଥାନ୍ତି। ପରବର୍ତ୍ତୀ ସମୟରେ ସେମାନେ ଅନୁଶୋଚନା କଲାବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥାଏ। ଆଉ କେତେକ କ୍ଷେତ୍ରରେ ର୍ୟାଗିଂ ନାୟକମାନେ ନିଜ ପୂର୍ବ ଜୀବନରେ ର୍ୟାଗିଂର ଶିକାର ହୋଇଥିବାରୁ ଅନ୍ୟମାନଙ୍କ ଉପରେ ଏହାକୁ ସୁଧାଇ ଏକ ବିଚିତ୍ର ଆନନ୍ଦ ପାଇଥାନ୍ତି। କେତେକ ଭାବନ୍ତି ର୍ୟାଗିଂ କରିବା ଦ୍ୱାରା ର୍ୟାଗିଂର ଶିକାର ହେଉଥିବା ପିଲାମାନେ ତାଙ୍କୁ ଭୟ, ସମ୍ମାନ ଓ ତାଙ୍କ ଆଧିପତ୍ୟକୁ ସ୍ୱୀକାର କରିନିଅନ୍ତି। ଯଦିଓ କେତେକ କ୍ଷେତ୍ରରେ ଏହା ପ୍ରତିଶୋଧପରାୟଣ ହୋଇ ର୍ୟାଗିଂର ଶିକାର ଜଣଙ୍କ ସେମାନଙ୍କୁ ପାଲଟା ଅସାମାଜିକ ରୂପରେ ଜବାବ୍ ବି ଦେଇଥାଏ ଯାହାର ରୂପ ନେଇଥାଏ ଏକ ପ୍ରକାର ଭୟାନକ ହିଂସା। ଏହି ର୍ୟାଗିଂ ମାନସିକତା ଏକ ଅଭୂତପୂର୍ବ ବ୍ୟକ୍ତି ମାନସିକତାର କ୍ଷତବିକ୍ଷତ ରୂପ କହିଲେ ଅତ୍ୟୁକ୍ତି ହେବନାହିଁ। ର୍ୟାଗିଂ କରୁଥିବା ଚରିତ୍ରମାନେ କେତେକ କ୍ଷେତ୍ରରେ ନିଜେ ଅନ୍ୟ କାହାର ଇସାରାରେ ଭୟଭୀତ ହୋଇ ଏହାକୁ ପରିପ୍ରକାଶ କରିଥାନ୍ତି। ସମୟ ଅନୁଯାୟୀ ଶିକ୍ଷା ସଂସ୍କାର ଅପରିହାର୍ଯ୍ୟ ହୋଇପଡ଼ିଛି। ପିଲାମାନଙ୍କର ମାନସିକତାରେ ପରିବର୍ତ୍ତନ ଓ ଯୁଗମତେ ଶିକ୍ଷା ବ୍ୟବସ୍ଥା ସଂସ୍କାର ହେବା ଆବଶ୍ୟକ। ର୍ୟାଗିଂର ଶିକାର ହେଉଥିବା ପିଲାମାନେ ଆଦୌ ଭୟଭୀତ ନ ହୋଇ ବରଂ ଧୈର୍ଯ୍ୟ ଓ ସାହାସର ସହ ଏ ଘଟଣା ଅଭିଭାବକ ଓ ଶିକ୍ଷାୟତନର ପ୍ରଶାସକଙ୍କୁ ଜଣାନ୍ତୁ। ନିଜ ମନୋବଳ ଦୃଢ଼ କରି ଈଶ୍ୱର ଚିନ୍ତନକୁ ଗୁରୁତ୍ୱ ଦିଅନ୍ତୁ ଆଉ ର୍ୟାଗିଂର ଶିକାର ହୋଇଥିବା ପିଲାମାନଙ୍କୁ ତାଙ୍କ ଅଭିଭାବକମାନେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଛାତ୍ରଟିଏ ଯଦି ନିଜକୁ ନିଜ ଏଭଳି କୁସଂସ୍କାରକୁ ପରିହାର କରିବ ଓ ଆତ୍ମସଂଯମୀ ହେବ ତେବେ ଶିକ୍ଷାନୁଷ୍ଠାନରୁ ର୍ୟାଗିଂ ଭଳି କୁତ୍ସିତ ପରମ୍ପରାର ପୂର୍ଣ୍ଣଚ୍ଛେଦ ପଡ଼ିବ।

ଡାକ୍ତର ସମ୍ରାଟ କର,
ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ: ୯୧୩୨୪୩୩୩୩

ସଡ଼କ ସୁରକ୍ଷା ଜୀବନ ରକ୍ଷା

ଶୀତ ସକାଳ ବୁଲା ସରିଗଲା । ମୁଁ ଚା ଦୋକାନରେ ମୋର ବନ୍ଧୁକୁ ଅପେକ୍ଷା କରିଥିଲି । ସେହି ସମୟରେ କେତେ ଲୋକ ସେଠାରେ ରୁଣ୍ଡ ହୋଇ ସଦ୍ୟ ଦୁର୍ଘଟଣା ବିଷୟରେ ଆଲୋଚନା କରୁଥିଲେ । ସେହି ମାନଙ୍କ ଭିତରୁ କିଏ ଜଣେ କହିଲେ ଶୀତ ଦିନ କୁହୁଡ଼ି ସମୟରେ ଗାଡ଼ି ଚଲେଇବା ଆଦୌ ଠିକ୍ ନୁହେଁ । ଏହି ସମୟରେ ହିମାଂଶୁ ବାବୁ ଚା ଦୋକାନ ଭିତରକୁ ପଶି ଆସିଲେ । ଆଉ କହିଲେ ଶୀତ ସକାଳରେ ଗାଡ଼ି ଚଲେଇବା ବହୁତ ଭଲ । କୁହୁଡ଼ିକୁ ଦେଖି ଡରିଗଲେ ଗୁରୁତ୍ୱପୂର୍ଣ୍ଣ କାମ କିପରି ହେବ ? ଦେଖି ଚାହିଁ ସାବଧାନତାର ସହିତ ଗାଡ଼ି ଚଲେଇଲେ ଅସୁବିଧା ହେବନାହିଁ ।

ମୁଁ କହିଲି ଆଜ୍ଞା ଆଜି କ'ଣ ଏତେ ଡ଼େରି ହେଲା । ସେ କହିଲେ ନାଇଁମ ସକାଳୁ ସକାଳୁ ନିଦ ଭାଙ୍ଗିଲାନି । ହଉ ଆସ ଚା ପିଇବା । ମୁଁ କହିଲି ଆଜିକାଲି ବହୁତ ଦୁର୍ଘଟଣା ହେଉଛି । ସେ କହିଲେ କରୋନା କାଳରେ ଗାଡ଼ି ଘୋଡ଼ା ଚାଲୁ ନଥିଲା । ସେଥିପାଇ କମ୍ ଦୁଘଟଣା ହେଉଥିଲା । କରୋନା ଟିକା ଦ୍ୱିତୀୟ ପାଳି ଶେଷ ହେଲା ବେଳକୁ ଦେଖିବ ସହର ବଜାର ଚଳ ଚ□ଳ ହୋଇଯିବ । ସ୍କୁଲ କଲେଜ ଯିବା ପାଇଁ ପିଲାମାନେ ରାସ୍ତାରେ ଧାଡ଼ି ଲାଗିଯିବେ । କଳକାରଖାନା, ହାଟ ବଜାର, ଅଫିସ ଦପ୍ତର ଯିବା ଆସିବା ପାଇଁ ଯାନବାହାନ ସଡ଼କ ଉପରେ ଦୌଡ଼ିବା ଆରମ୍ଭ ହୋଇଯିବ । ତେବେ ଦେଖିବ ଦୁର୍ଘଟଣା କମୁଛି ନା ବଢୁଛି ।

ମୁଁ ଜାଣିବା ପାଇଁ ପଚାରିଲି ଆଜିକାଲି ଡ୍ରାଇଭରମାନେ ଦାୟିତ୍ୱହୀନ ହୋଇଗଲେଣି । ସେଇଥିପାଇଁ ଏତେ ଦୁର୍ଘଟଣା ହେଉଛି । ସେ କହିଲେ କେହି ଜଣେ କ'ଣ ଜାଣିଶୁଣି ତା' ପେଟପାଟଣା ସହିତ ଖେଳେ । ଏପରି ଅଘଟଣ ପାଇଁ ଆମ୍ଭେମାନେ ହିଁ ଦାୟୀ ।

ଧରନ୍ତୁ ବସ୍‌ଟିରେ ଯିବାକୁ ଜାଗା ନାହିଁ । ଆମ୍ଭେ ଠିଆହୋଇ ଭିଡ଼ରେ ଗାଡ଼ିରେ ଖୁନ୍ଦି ହୋଇ ଯାଉଛେ । ଗାଡ଼ି ଅଧିକ ଲୋଡ଼ ହେଲେ ଗାଡ଼ି ଚଳାଇବାକୁ ଅସୁବିଧା ହେବ । ଖାଲି ସେତିକି ନୁହେଁ ସେହି ବସ୍ ଭିତରେ ଦୁଃଖସୁଖ ହେବା ମୋବାଇଲ ବିନା ଇଅରଫୋନରେ ଗୀତ ଶୁଣିବା ଆଦି ଚାଲେ ।

ହାଟ ବଜାର ଅଫିସ ସାମ୍ନା ଆଦି ଜନଗହଳିପୂର୍ଣ୍ଣ ସ୍ଥାନରେ ବେନିୟମ ପାର୍କିଙ୍ଗ କରିବାକୁ ଆମ ଲୋକମାନେ ପଛାନ୍ତି ନାହିଁ । ବସ ଭିତରେ, ବସ ଉପରେ, ଆଉ ରାସ୍ତା କଡ଼ରେ ଭିଡ଼ଭାଡ଼ । ତେବେ ଅତି ସାବଧାନତାର ସହିତ ଏହାକୁ ଅତିକ୍ରମ କରିବାକୁ ହେବ । ଯଦି ଟିକେ ଅଲମ ବିଲମ ହୁଏ, ତେବେ କିଭଳି ଅଘଟଣ ଘଟିବ ଅନୁମାନ କରୁଥିବେ ।

କେତେକ ଅଭିଭାବକମାନେ ଛୋଟ ପିଲାମାନଙ୍କୁ ସ୍କୁଟି ବାଇକ ଦେଉଛନ୍ତି । ସେମାନଙ୍କ ପିଲାମାନଙ୍କୁ ସ୍କୁଲ ଯିବାରେ ଅସୁବିଧା ନ ହେଉ । ସେହି ପିଲାମାନେ ଦ୍ରୁତ ଗତିରେ ଗାଡି ଚଳାଉଥିବାର ଦେଖାଯାଏ । ସହରରେ ଟ୍ରାଫିକ୍ ରୁଲ କଡ଼ାକଡ଼ି ଭାବେ ପାଳନ କରାଯାଏ । ଏହାଫଳରେ ପଲାମାନେ ଜୋରିମାନା ଦିଅନ୍ତି ବା ଗାଡ଼ି ଚଲାନ୍ତି ନାହିଁ । ମାତ୍ର ଗ୍ରାମା□ଳମାନଙ୍କରେ ଏପରି ହେଉଥିବାର ଦେଖାଯାଏନାହିଁ । ଅଭିଭାବକମାନେ ଚିନ୍ତା କରିବା ଦରକାର ସେମାନଙ୍କ ପିଲାଙ୍କ ଜୀବନ ସେମାନଙ୍କ ସାମୟିକ ଖୁସିଠାରୁ ଅଧିକ ମୂଲ୍ୟବାନ ଅଟେ ।

ମୁଁ ହିମାଂଶୁବାବୁଙ୍କୁ କହିଲି ଆପଣ ପବ୍ଲିକଙ୍କୁ ଦୋଷ ଦେଲେ ଚଳିବ ନାହିଁ । କେତେକ ଡ୍ରାଇଭର ନିଶା ସେବନ କରି ଗାଡ଼ି ଚଳାନ୍ତି । ଗାଡ଼ି ଚଲାଇବା ବେଳେ ସେଫ୍‌ଟି ବେଲଟ୍ ବାନ୍ଧନ୍ତି ନାହିଁ କି ବାଇକ ଚଲାଇବା ବେଳେ ହେଲମେଟ୍ ପିନ୍ଧନ୍ତି ନାହିଁ । ରାସ୍ତା ଓଭର ଟେକ୍ କଲାବେଳେ ଗାଡ଼ି ହେଡ଼ଲାଇଟ ଡିପର ବା ସିଗନାଲ ଦିଅନ୍ତି ନାହିଁ । ମୋ' ବନ୍ଧୁ ଜଣକ କହିଲେ ଯଦି କେହି ଏପରି କରୁଥା'ନ୍ତି, ତାହା ନିଶ୍ଚୟ ଆଇନଗତ ଅପରାଧ । ସେମାନେ ନିଶ୍ଚୟ ଦଣ୍ଡ ପାଇବେ ।

ମୁଁ କହିଲି ସେତିକି ନୁହେଁ । ସ୍କୁଲ କଲେଜ ଓ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଗାଡ଼ିଗୁଡ଼କ ଧୀର କରାଯାଏ । ରେଲୱେ କ୍ରସିଙ୍ଗ ଫାଟକ ବନ୍ଦ ଥିବା ବେଳେ ବାଇକ ସାଇକେଲ ବା ଅନ୍ୟ ଯାନବାହନ ଯାତାୟାତ କରିବା କାନୁନଗତ ଅପରାଧ । ସେପରି ଅନୀତି କାର୍ଯ୍ୟ କରିବାକୁ ପଛାଉନାହାନ୍ତି ଆଜିକାଲିର ଯୁବକଯୁବତୀମାନେ । କର୍ମବ୍ୟସ୍ତ ଯୁବକ ଯୁବତୀମାନେ ସମୟ ବ□ାଇବାକୁ ଯାଇ ବେଳେ ବେଳେ ମୃତ୍ୟୁର ସମ୍ମୁଖୀନ ହେଉଛନ୍ତି ।

ଆମ୍ବୁଲାନ୍ସ ଓ ଦମ୍‌କଳ (ଫାୟାର ଇଞ୍ଜିନ)କୁ ଯାତାୟାତ ପାଇଁ ବାଧା ସୃଷ୍ଟି କରିବା ଅନୁଚିତ । ସଡ଼କ ଉପରେ ଯାତାୟାତ କରୁଥିବା ଜରୁରୀକାଳୀନ ଯାନବାହନକୁ ବାଟ ଛାଡ଼ିଦେବା ଏକ ନୈତିକ କର୍ତ୍ତବ୍ୟ । ଗାଡ଼ି ୟୁ ଟର୍ଣ୍ଣ କଲାବେଳେ ସିଗନାଲ ଦେଲେ ଦୁର୍ଘଟଣା ଆଶା ରହେନାହିଁ । ରାତି ଅନିଦ୍ରା ହୋଇ ଦୀର୍ଘ ସମୟ ଧରି ଗାଡ଼ି ଚଳାନ୍ତୁ ନାହିଁ । ଗାଡ଼ି ଚଲାଇବା ବେଳେ ଟ୍ରାଫିକ୍‌ର ନୀତିନିୟମ ପାଳନ କରନ୍ତୁ ।

ଜାତୀୟ ସଡ଼କ ସୁରକ୍ଷା ପାଇଁ କଡ଼ାକଡ଼ି ଭାବରେ ଆମ ଦେଶ ଓ ରାଜ୍ୟରେ ନୀତିନିୟମମାନ କାର୍ଯ୍ୟକାରୀ କରାଯାଉଛି ।

ସଡ଼କ ସୁରକ୍ଷା ନିୟମ ଲଙ୍ଘନ କଲେ କଠୋର ଦଣ୍ଡରେ ଦଣ୍ଡିତ ହୋଇପାରନ୍ତି । ଡ୍ରାଇଭିଙ୍ଗ ନୀତିନିୟମ ଭଙ୍ଗ କଲେ ଏକ ହଜାର ଟଙ୍କା ଜୋରିମାନା ଦେବାକୁ ପଡ଼ିବ । ଦ୍ରୁତଗତିରେ ଗାଡ଼ି ଚଲାଇ (ଲାଇଟ୍ ଭେଇକିଲ) ହାଲୁକା ଗାଡ଼ି ପାଇଁ ୨ ହଜାର ଟଙ୍କା ଓ ଓଜନଦାର ହେବା ଭେଇକିଲ ପାଇଁ ୪ ହଜାର ଟଙ୍କା ଦଣ୍ଡବିଧାନ କରାଯାଇଛି । ମଦ ପିଇ ଗାଡ଼ି ଚଲାଇଲେ ୧୦ ହଜାର ଟଙ୍କାରୁ ୧୫ ହଜାର ଟଙ୍କା ଦଣ୍ଡ ବିଧାନର ବ୍ୟବସ୍ଥା ଅଛି ।

ବିନା ହେଲମେଟରେ ବାଇକ ଚଲାଇଲେ ବା ଯାତ୍ରା କଲେ ୧ ହଜାର ଟଙ୍କା । ଡ୍ରାଇଭର ଓ ପ୍ୟାସେଞ୍ଜର ସେଫଟି ବେଲ୍‌ଟ ନ ପିନ୍ଧିଲେ ୧ ହଜାର ଟଙ୍କା ଜୋରିମାନା ଦେବେ । ଗାଡ଼ି ଚଲାଇବାବେଳେ ମୋବାଇଲ ଫୋନ ବ୍ୟବହାର କଲେ ୫ ହଜାର ଟଙ୍କାରୁ ୧୦ ହଜାର ଟଙ୍କା ଜୋରିମାନା ଭରିବାକୁ ପଡ଼ିବ ।

ଗାଡ଼ିର କ୍ଷମତାଠାରୁ ଅଧିକ ପ୍ୟାସେଞ୍ଜର ନେଲେ ଏକ୍‌ଷ୍ଟ୍ରା ପ୍ୟାସେଞ୍ଜର ପ୍ରତି ୨୦୦ ଟଙ୍କା ଜୋରିମାନା ଦେବାକୁ ହେବ । ବିନା ଇନ୍‌ସୁରାନସରେ ଗାଡ଼ି ଚଲାଇଲେ ୨ହଜାରରୁ ୪ ହଜାର ଟଙ୍କା ଜୋରିମାନା ହୋଇପାରେ । ସରକାର ପ୍ରାଣପଣେ ଉଦ୍ୟମ କରୁଛନ୍ତି, ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ।

ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ କଟକ ଓ ଭୁବନେଶ୍ୱର ସହରର ନିର୍ଦ୍ଦିଷ୍ଟ ବେସରକାରୀ ହସ୍ପିଟାଲରେ ୪୮ ଘଣ୍ଟା ପର୍ଯ୍ୟନ୍ତ ମାଗଣାରେ ଚିକିତ୍ସା ବ୍ୟବସ୍ଥା ପ୍ରଦାନ କରାଯିବ ।

ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଆଇନତଃ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ମିଳିବ । ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରୁଥିବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ସୁରକ୍ଷା ସହିତ ୨ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ "ଗୁଡ଼ ସମରିଟାନ ପଲିସି" ଆରମ୍ଭ କରାଯାଇଛି । ଯାହା ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଇଛି । ଆମ ସରକାର ଓ ପୋଲିସ ପ୍ରଶାସନ ବିଭାଗକୁ ଅଶେଷ ଧନ୍ୟବାଦ । ସେମାନେ ଆଇନ ଅବମାନନାକାରୀଙ୍କୁ ଦଣ୍ଡ ଦେବା ସହିତ ତଜ୍ଜନିତ କ୍ଷୟକ୍ଷତି ଭରଣା କରିବା ପାଇଁ ସଙ୍କଳ୍ପବଦ୍ଧ ।

ହିମାଂଶୁବାବୁ କହିଲେ ସରକାର ଅର୍ଥ ପ୍ରଦାନ କରିପାରନ୍ତି । ମୃତ ବ୍ୟକ୍ତିକୁ ଜୀବନ ପ୍ରଦାନ କରିପାରିବେନି । ମୁଁ କହିଲି ହଁ ଏହା ନିରାଟ ସତ କଥା । ଆମେ ନିଜେ ସଜାଗ ହେବା ସତର୍କତା ଅବଲମ୍ବନ କରିବା । ଟ୍ରାଫିକ୍ ନୀତିନିୟମ ପାଳନ କରିବା ପାଇଁ ଆମ ପୋଲିସ ବାବୁମାନଙ୍କୁ ଖାଲି ଧନ୍ୟବାଦ ନୁହେଁ ଦରକାର ପଡ଼ିଲେ ସାହାଯ୍ୟ ସହଯୋଗ କରିବା ଉଚିତ । ଅନ୍ୟ ଭାଇଭଉଣୀଙ୍କୁ କହିବା-ସଡ଼କ ସୁରକ୍ଷା ଜୀବନ ରକ୍ଷା । ଟ୍ରାଫିକ୍ ନୀତିନିୟମ ମାନି ଚଳ ଓ ନିଜ ଧନଜୀବନ ସୁରକ୍ଷିତ କର । ନିଜ ସୁରକ୍ଷା ନିଜ ହାତରେ ।

ଅକ୍ଷୟ ପଣ୍ଡା
ଆଳି, ଲୋକାପଡ଼ା, ମୋ-୯୩୩୭୪୯୨୩୦୭

ଫରୱାର୍ଡ଼ ବ୍ଲକ ଓ ଆଜାଦ ହିନ୍ଦ ବାହିନୀ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ

ଭୁବନେଶ୍ୱର (ପିଏନ୍): ଭାରତବର୍ଷର ମୁକ୍ତି ସଂଗ୍ରାମର ଅନନ୍ୟ ଯୋଦ୍ଧା, ସାମ୍ରାଜ୍ୟବାଦୀ ବିରୋଧୀ ସଂଗ୍ରାମର ମହାନାୟକ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କର ଜନ୍ମ ଜୟନ୍ତୀକୁ ନେତାଜୀଙ୍କ ଦଳ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ଓ ଆଜାଦ ହିନ୍ଦ ବାହିନୀ, ଓଡ଼ିଶା କମିଟି ପକ୍ଷରୁ ଦେଶପ୍ରେମ ଦିବସ ଭାବରେ ପାଳିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ନେତାଜୀ ଭବନରୁ ଏକ ଶୋଭାଯାତ୍ରା ବାହାରି ରସୁଲଗଡ଼ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସେଠାରେ ଆଜାହ ହିନ୍ଦ ବାହିନୀ ପକ୍ଷରୁ ମଧ୍ୟ ନେତାଜୀଙ୍କୁ ସଲାମୀ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଫରୱାର୍ଡ଼ ବ୍ଲକର ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ସାଂସଦ ଦେବବ୍ରତ ବିଶ୍ୱାସ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ଆଜାଦ ହିନ୍ଦ ବାହିନୀର ବିଶେଷ ଭାବରେ ପ୍ରଶିକ୍ଷଣପ୍ରାପ୍ତ କ୍ୟାଡ଼ରମାନେ ବାହିନୀର ଅଧ୍ୟକ୍ଷ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ କଟକ ଜାନକୀନାଥ ଭବନକୁ ଯାଇ ସେଠାରେ ନେତାଜୀଙ୍କୁ ସଲାମୀ ଜଣାଇବା ସହ ନେତାଜୀଙ୍କ ଜନ୍ମମାଟିରେ ତାଙ୍କ ସ୍ୱପ୍ନର ଭାରତବର୍ଷ ଗଠନ ପାଇଁ ଉଦ୍ୟମ ଅବ୍ୟାହତ ରଖିବାକୁ ଶପଥ ନେଇଥିଲେ । ଅପରାହ୍ନରେ ଭୁବନେଶ୍ୱର ନେତାଜୀ ଭବନ ପରିସରରେ ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ଓ ଆଜାଦ ହିନ୍ଦ ବାହିନୀ ପକ୍ଷରୁ ଦେଶପ୍ରେମ ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା । ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଏହି ସମାରୋହରେ ସଭାପତିତ୍ୱ କରିଥିବା ବେଳେ ଫରୱାର୍ଡ଼ ବ୍ଲକର ସର୍ବଭାରତୀୟ ସାଧାରଣ ସମ୍ପାଦକ ଦେବବ୍ରତ ବିଶ୍ୱାସ, ବରିଷ୍ଠ ସାମ୍ବାଦିକ ରବି ଦାସ, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ସମାରୋହକୁ ଉଦ୍‌ଘାଟନ କରି ଶ୍ରୀ ବିଶ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଜୁଲାଇ ୦୨

ମାଟ୍ରିକ ମୂଲ୍ୟାୟନ ଖଟା, ମିଠା : ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀ ପ୍ରସ୍ତୁତ ହୁଅନ୍ତୁ

ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରି ପରୀକ୍ଷା ଫଳ କୌଣସି ବର୍ଷ ବିବାଦମୁକ୍ତ ନୁହେଁ, ଏହା ପୁଣି ଥରେ ପ୍ରମାଣିତ ହୋଇଛି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ବିକ୍ଷୋଭ, ପ୍ରତିବାଦରୁ ବୋଲି କୁହାଯାଇପାରେ। କହିବା ବାହୁଲ୍ୟ ଯେ, ଚଳିତ ବର୍ଷ ମହାମାରୀ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ମାଟ୍ରିକ ପରୀକ୍ଷାକୁ ବାତିଲ କରିଦେଇଥିଲେ। ବିନା ପରୀକ୍ଷାରେ ବୋର୍ଡ ଇତିହାସରେ ପ୍ରଥମ ଥର ପାଇଁ ମାଟ୍ରିକ ଫଳ ପ୍ରକାଶିତ ହୋଇଛି, ଯେଉଁଥିରେ କି ୯୭.୮୯ ପ୍ରତିଶତ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଥର ପାଇଁ ଛାତ୍ରଛାତ୍ରୀ ଉତୀର୍ଣ୍ଣ ଇତିହାସରେ ଏକ ପୂର୍ବରୁ କେବେହେଲେ ୮୫ ପ୍ରତିଶତରୁ ଅଧିକ ଫଳ । ଫଳ ଛାତ୍ରଛାତ୍ରୀମାନଙ୍କ ପାଇଁ ସୁଖଦ ଥିବାବେଳେ ଛାତ୍ରଛାତ୍ରୀମାନଙ୍କ ପାଇଁ ସଦୃଶ ହୋଇଛି। ରାଜ୍ୟର ବିଭିନ୍ନ ମୂଲ୍ୟାୟନ ପଦ୍ଧତିକୁ ଛାତ୍ରଛାତ୍ରୀ, ଅଭିଭାବକ ଓ ହୁ।ଇଛନ୍ତି ।

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏତେ ସଂଖ୍ୟକ ହେବା ବୋର୍ଡ ରେକର୍ଡ । ଉତୀର୍ଣ୍ଣ ହାର ନଥିଲା। ମାଟ୍ରିକ ଅଣମେଧାବୀ ନିଶ୍ଚିତ ଭାବେ ମେଧାବୀ କଷା ଫଳ ଯେଉଁଥିପାଇଁ ସ୍ଥାନରେ ନେଇ ରାଜରାସ୍ତାକୁ ସେମାନଙ୍କ ଅଭିଯୋଗ ହେଉଛି ମୂଲ୍ୟାୟନ ପଦ୍ଧତିରେ ତ୍ରୁଟି। ମୂଲ୍ୟାୟନ ପଦ୍ଧତିରେ ତ୍ରୁଟି ଯୋଗୁଁ ସେମାନେ ଆଶାଜନକ ମାର୍କ ପାଇ ନାହାଁନ୍ତି। ଯାହା ଫଳରେ ସୁନାମଧନ୍ୟ ବା ବଡ କଲେଜରେ ପାଠପଢାରୁ ବଂଚିତ ହେବେ। ଉଲ୍ଲେଖଯୋଗ୍ୟ ଯେ, ମହାମାରୀ କରୋନା ଯୋଗୁଁ ଯଦି କୌଣସି କ୍ଷେତ୍ର ସର୍ବାଧିକ ପ୍ରଭାବିତ ହୋଇଥାଏ, ତାହା ହେଉଛି ଶିକ୍ଷା କ୍ଷେତ୍ର। ଗତ ବର୍ଷ ମାର୍ଚ୍ଚ ମାସ ଠାରୁ ରାଜ୍ୟରେ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ରହିଛି। ଶ୍ରେଣୀ ପାଠ ପଢା ହୋଇପାରିନାହିଁ। ଚଳିତବର୍ଷ ପ୍ରଥମ ମହାମାରୀ ଲହର ସଂକ୍ରମଣ ଆଶାତୀତ ଭାବେ ହ୍ରାସ ପାଇବା ପରେ କେବଳ ନବମ, ଦଶମ ଶ୍ରେଣୀରେ ପାଠପଢା କରୋନା କଟକଣା ମଧ୍ୟରେ କିଛି ଦିନ ପାଇଁ ହୋଇଥିଲା, ଯାହା କି ପରୀକ୍ଷା ପାଇଁ ଯଥେଷ୍ଟ ନଥିଲା। ଏଥିପାଇଁ ସରକାର ୩୦ ପ୍ରତିଶତ ପାଠ୍ୟକ୍ରମ(ସିଲାବାସ) ହ୍ରାସ କରିଥିଲେ। ମାତ୍ର ମହାମାରୀର ଦ୍ୱିତୀୟ ଲହର ଯୋଗୁଁ ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ପାଠ ପଢା ଅଧାରୁ ବନ୍ଦ କରିଦେବା ଓ ମାଟ୍ରିକ ପରୀକ୍ଷା ସହ ନବମ ଶ୍ରେଣୀର ବାର୍ଷିକ ପରୀକ୍ଷାକୁ ବାତିଲ କରିଦେଇଥିଲେ। ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ବିନା ପରୀକ୍ଷାରେ ଉତୀର୍ଣ୍ଣ ଘୋଷଣା କରିବା ସହ ନବମ ଶ୍ରେଣୀର କ୍ଲାସ ପରୀକ୍ଷା ଓ ଦଶମ ଶ୍ରେଣୀର କ୍ଲାସ ପରୀକ୍ଷା ନେଇ ମାଟ୍ରିକ ଫଳକୁ ମୂଲ୍ୟାୟନ ପାଇଁ ଘୋଷଣା କରିଥିଲେ। ସ୍କୁଲମାନଙ୍କ ପକ୍ଷରୁ ପିଲାମାନଙ୍କର ନବମ, ଦଶମ ଶ୍ରେଣୀ ପରୀକ୍ଷାରେ ରଖିଥିବା ମାର୍କ ଯୋଗାଇ ଦିଆଯାଇଥିଲା। ଏହାକୁ ଭିତିକରି ବୋର୍ଡ ପକ୍ଷରୁ ମାଟ୍ରିକ ଫଳ ପ୍ରକାଶ ପାଇଛି। ଯେଉଁ ଛାତ୍ରଛାତ୍ରୀ ମାର୍କ ନେଇ ଅସନ୍ତୁଷ୍ଟ ହେବେ, ସେମାନେ ପରୀକ୍ଷା ହଲରେ ବସି ପରୀକ୍ଷା ଦେଇପାରିବେ। ଏହା ସରକାର ବାରମ୍ବାର ସ୍ପଷ୍ଟ କରି ଦେଇଛନ୍ତି। ତେବେ ଏବେ ମୂଲ୍ୟାୟନକୁ ନେଇ କାହିଁକି ପ୍ରତିବାଦ କରୁଛନ୍ତି, ବୁଝାପଡୁନାହିଁ। ଏହା ନିଶ୍ଚିତ ଯେ, ଶ୍ରେଣୀ ପରୀକ୍ଷାରେ ପିଲା ରଖୁଥିବା ମାର୍କ ଯେ, ବୋର୍ଡ ପରୀକ୍ଷାରେ ପାଇବ, ଏଭଳି ଏଥିରେ କୌଣସି ନିଶ୍ଚିୟତା ନାହିଁ। ସେହିପରି କେତେକ ସ୍କୁଲ, ବିଶେଷ କରି ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ସେମାନଙ୍କ ଛାତ୍ରଛାତ୍ରୀଙ୍କ ମାର୍କ ଆଶାତୀତ ବଢାଇ ଦେଇଛନ୍ତି, ଯାହାକି ବୋର୍ଡ କର୍ତ୍ତୃପକ୍ଷ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ୨୦୧୯, ୨୦୨୦ ବର୍ଷରେ ପିଲା ରଖିଥିବା ମାର୍କ ଆଧାରରେ ନୁହେଁ, ଚାରି ବର୍ଷ ତଥା ୨୦୧୭,୨୦୧୮, ୨୦୧୯ ଓ ୨୦୨୦ ବର୍ଷର ମାର୍କ ଆଧାରରେ ମାଟ୍ରିକ୍ ମାର୍କ ମୂଲ୍ୟାୟନ କରାଯାଇଥିବା ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି। ଚାରିବର୍ଷର ମାର୍କ ଜଣେ ପିଲାର ମେଧାବୀ ନିର୍ଣ୍ଣୟ ପାଇଁ ଯଥେଷ୍ଟ ଏହା ନିସନ୍ଦେହରେ ସ୍ୱୀକାର କରାଯାଇପାରେ।

ଏହା ସତ୍ୟ ଯେ, ଭଲ କଲେଜରେ ପାଠ ପଢିବା ପାଇଁ ସୁଯୋଗ ନପାଇବା ଆଶଙ୍କା ହିଁ ଏ ପ୍ରତିବାଦର ମୂଳକାରଣ ବୋଲି କୁହାଯାଇପାରେ। ତେବେ ଯେଉଁମାନେ ପୂନର୍ବାର ପରୀକ୍ଷା ଦେବେ, ପରୀକ୍ଷାରେ ଯଦି ଭଲ ମାର୍କ ରଖନ୍ତି ତେବେ ବଡ କଲେଜରେ ପାଠ ପଢିବାରୁ ସେମାନଙ୍କୁ କେହି ବଂଚିତ କରିପାରିବେ ନାହିଁ। କେବଳ ବଡ କଲେଜରେ ଆବଶ୍ୟକ ହେଲେ ସିଟ୍(ଆସନ) ସଂଖ୍ୟା ବୃଦ୍ଧି କରାଯିବ ବୋଲି ସରକାର ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏଚଏସଇ, ସିବିଏସଇ, ଆଇସିଏସଇ ପରୀକ୍ଷାରେ ରାଜ୍ୟରେ ୬ଲକ୍ଷ ୨୮ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବା ସମ୍ଭାବନା (ସିବିଏସଇ, ଆଇସିଆଇଏସଇ ଫଳ ପ୍ରକାଶିତ ହୋଇନାହିଁ) ଥିବାବେଳେ ରାଜ୍ୟରେ ମାଟ୍ରିକ ପର ଉଚ୍ଚଶିକ୍ଷା ତଥା ଯୁକ୍ତ ଦୁଇ , ଧନ୍ଦାମୂଳକ ଶିକ୍ଷା, ଆଇଟିଆଇରେ ଅଧ୍ୟୟନ ପାଇଁ ୬ଲକ୍ଷ ୩ ହଜାର ୧୧୩ଟି ସିଟ୍ ରହିଛି। ପାଖାପାଖି ୨୫ ହଜାର ସିଟ୍ ଅଭାବ ପଡିପାରେ। ଭଲ କଲେଜରେ ପଢିବାର ସୁଯୋଗ ନପାଇବା ଆଶଙ୍କା ବିକ୍ଷୋଭ, ପ୍ରତିବାଦର କାରଣ ମନେ ହୁଏ। ଯେଉଁମାନେ ମାର୍କ ନେଇ ଅସନ୍ତୁଷ୍ଟ ସେମାନେ ପୁନର୍ବାର ପରୀକ୍ଷା ଦେଇ ନିଜର ମେଧାବୀ ପ୍ରଦର୍ଶିତ କରନ୍ତୁ। କମ୍ ପିଲାରେ ପରୀକ୍ଷା ପରିଚାଳନାରେ କୌଣସି ଅସୁବିଧା ହେବ ନାହିଁ ବୋଲି ଆଶା କରିବା।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

ପାଠକୀୟ ମତାମତ ଓ ପରାମର୍ଶ ସ୍ପପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ସଫଳ ମତ୍ସ୍ୟ ଯୋଜନା ଓ ଓଡିଶା ସରକାରଙ୍କ ସ୍ୱତନ୍ତ୍ର ପ୍ରୋତ୍ସାହନ

ମତ୍ସ୍ୟଚାଷର ଅବଦାନ ଆମର ଜୀବିକା ଓ ଅର୍ଥନୀତି ଉପରେ ଉଲ୍ଲେଖନୀୟ ପ୍ରଭାବ ପକାଇଥାଏ। ମତ୍ସ୍ୟଚାଷକୁ ପ୍ରୋତ୍ସାହନ ଦେବା ପାଇଁ ଉତମ ମତ୍ସ୍ୟ ଯୋଜନାର ଆବଶ୍ୟକତା ରହିଛି। ତେଣୁ ଆସନ୍ତୁ ଜାଣିବା ଏକ ସଫଳ ମତ୍ସ୍ୟ ଯୋଜନା ପାଇଁ ଆବଶ୍ୟକ ହେଉଥିବା କିଛି ପଦକ୍ଷେପ ଓ ନୀତିଗୁଡିକ ସଂପର୍କରେ।

ଡ. ଗଣେଶ ଚନ୍ଦ୍ର କୁଣ୍ଡ

୧. ଯୋଜନା ପ୍ରସ୍ତୁତି ପୂର୍ବର ପଦକ୍ଷେପ : ପ୍ରଥମେ ଆମକୁ ମତ୍ସ୍ୟ ଯୋଜନା କାର୍ଯ୍ୟକାରୀ ହେବାକୁ ଥିବା ଅଚଂଳ ଏବଂ ସେଠାକାର ମତ୍ସ୍ୟଚାଷୀଙ୍କ ବ୍ୟବସାୟ, ରୋଜଗାର, ତାଙ୍କର ଯାନ୍ତ୍ରିକ ଜ୍ଞାନକୌଶଳ, ସେଠାରେ ଉପଲବ୍ଧ ସୁବିଧା ଓ ଅସୁବିଧା ସଂପର୍କରେ ତଥ୍ୟ ସଂଗ୍ରହ କରିବାକୁ ପଡିଥାଏ। ଏହା ଆମେ ମତ୍ସ୍ୟଚାଷ ସମ୍ବନ୍ଧିତ ସରକାରୀ ତଥ୍ୟାବଳୀର ତର୍ଜମା ଓ ସର୍ଭେ ଦ୍ୱାରା ପାଇପାରିବା। ପରବର୍ତୀ ସମୟରେ ଏକତିତ୍ର ହୋଇଥିବା ତଥ୍ୟାବଳୀକୁ ତର୍ଜମା କରି ଅନେକ ଗୁଡିଏ ସମସ୍ୟା ମଧ୍ୟରୁ ଅତ୍ୟନ୍ତ ଜରୁରୀ ସମସ୍ୟାକୁ ହିଁ ପ୍ରାଧାନ୍ୟ ଦିଆଯାଇଥାଏ। ଏହା ପରେ ଆମକୁ ମତ୍ସ୍ୟ ଯୋଜନାର ଲକ୍ଷ୍ୟ ନିର୍ଣ୍ଣୟ ପାଇଁ ପୂର୍ବରୁ ତର୍ଜମା ହୋଇଥିବା ତଥ୍ୟ ଗୁଡିକର ପୁନର୍ବାର ଆକଳନ କରାଯାଇଥାଏ। ଏଥିରେ ଆଚଂଳିକ ସଂପଦ ଓ ସୁବିଧାକୁ ବିନିଯୋଗ କରି କଣ କରାଯାଇପରିବ, କେଉଁ ମତ୍ସ୍ୟଚାଷ ପଦ୍ଧତି ଆଚଂଳିକ ବାସୀନ୍ଦାଙ୍କ ଗ୍ରହଣଯୋଗ୍ୟ ହେବ, କେଉଁମାନେ ଏହି ଯୋଜନାରେ ଅଂଶଗ୍ରହଣ କରିବେ ଓ ମହିଳାମାନେ କିଭଳି ଏହି ଯୋଜନାରୁ ଉପକୃତ ହୋଇ ପାରିବେ, ଏଭଳି ଅନେକ କିଛି ସମ୍ଭାବନାର ପରିକଳ୍ପନା କରାଯାଇ ସଠିକ୍ ହିରାଧିକାରୀଙ୍କୁ ନିର୍ଦ୍ଦିଷ୍ଟ କରାଯାଇଥାଏ। ଏହାପରେ ଉକ୍ତ ମତ୍ସ୍ୟ ଯୋଜନାର କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଏ। ଯେଉଁଥିରେ ପ୍ରତ୍ୟେକଟି କାର୍ଯ୍ୟକ୍ରମର ଦିନ, ସମୟ ଓ ସ୍ଥାନ ନିର୍ଦ୍ଧାରଣ କରାଯାଇଥାଏ। ଏଥିରେ ମଧ୍ୟ ନିର୍ଦ୍ଦିଷ୍ଟ ରହିବ ଯେ କିଏ କେଉଁ କାମ କରିବେ, କେଉଁ ସଂସ୍ଥା ଏହା ଅନ୍ତର୍ଭୂକ୍ତ ହେବ, କଣ ବଜେଟ ରହିବ, କିପରି ମାର୍କେଟ ଚାହିଦା ପୂରଣ କରାଯାଇ ପାରିବ ଓ କିଭଳି ମାଛଚାଷୀଙ୍କୁ ଉପଯୁକ୍ତ ତାଲିମ ଦିଆଯାଇପାରିବ।

୨. ଯୋଜନା କାର୍ଯ୍ୟକାରୀ ସମୟର ପଦକ୍ଷେପ : ଏହି ସମୟରେ ପ୍ରତିଟି କାମର ସଠିକ ତଦାରଖ କରାଯାଇଥାଏ । ହିତାଧିକାରୀଙ୍କୁ ତାଲିମ ଦେବା, ତାଙ୍କ ସହ ଯୋଗଯୋଗ କରିବା, ଉନ୍ନତ ମାଛଚାଷ ପଦ୍ଧତିର ପ୍ରଦର୍ଶନ କରିବା, ଯୋଜନା କାର୍ଯ୍ୟକାରୀ ହୋଇଥିବା ଅଚଂଳର ପରିଦର୍ଶନ କରିବା । ଏହି ସମୟରେ ସଂପ୍ରସାରଣ ସେବାକୁ ତ୍ୱରାନ୍ୱିତ କରାଯାଇଥାଏ।

୩. ଯୋଜନା ପରବର୍ତୀ ପଦକ୍ଷେପ : ଆମେ ଉପରୋକ୍ତ ମତ୍ସ୍ୟ ଯୋଜନାର କାର୍ଯ୍ୟକାରିତାକୁ ଆକଳନ କରିଥାଉ । ମତ୍ସ୍ୟ ଯୋଜନାକୁ ଆକଳନ କରିବାର ଅର୍ଥ ହେଉଛି, କେତେ ପରୋମାଣରେ ଯୋଜନାଟି ନିଜର ପୂର୍ବନିର୍ଦ୍ଧିଷ୍ଟ ଲକ୍ଷ୍ୟ ସାଧନ କରିପାରିଛି। ଏଥିରେ ଆମକୁ ବର୍ତମାନ ଯୋଜନାର ପ୍ରଭାବ ସହ ଆଗରୁ ଅନୁଷ୍ଠିତ ହୋଇଥିବା କିଛି ମତ୍ସ୍ୟଭିତିକ ସରକାରୀ ତଥ୍ୟାବଳୀ ସହ ତୁଳନା କରିବାକୁ ପଡିଥାଏ। ଏହା ଦ୍ୱାରା ଆମକୁ ସଂପୃକ୍ତ ମତ୍ସ୍ୟ ଯୋଜନାର ଉପଯୋଗିତା ସଂପର୍କରେ ସଂପୂର୍ଣ୍ଣ ଧାରଣା ଆସେ। ପରିଶେଷରେ ମତ୍ସ୍ୟ ଯୋଜନା ସଂପର୍କିତ କିଛି ମତାମତ ଓ ପ୍ରତିକ୍ରିୟା ସଂଗ୍ରହ କରାଯାଇଥାଏ। ଏଥିରେ ମତ୍ସ୍ୟ ଯୋଜନାରେ ସାମିଲ ଥରବା ହିତାଧିକାରୀ, ମତ୍ସ୍ୟ ବୈଜ୍ଞାନିକ, ବିଭାଗୀୟ ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହ ଯୋଜନାର ଲାଭ ଓ କ୍ଷତି ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସମସ୍ତଙ୍କ ମତାମତ ଲିଖିତ ଭାବରେ ନିଆଯାଇଥାଏ। ସଂଗୃହିତ ମତାମତ ଏବଂ ପ୍ରତିକ୍ରିୟା ଗୁଡିକ ଭବିଷ୍ୟତରେ ହେବାକୁ ଥିବା ମତ୍ସ୍ୟ ଯୋଜନାର ପ୍ରସ୍ତୁତି ଓ ପରିଚାଳନାରେ ସାହାଯ୍ୟ କରିଥାଏ।

ଓଡିଶା ସରକାରଙ୍କ କେତେ ଗୁଡିଏ ଉପଯୋଗୀ ମତ୍ସ୍ୟ ଯୋଜନା

ମତ୍ସ୍ୟ ସଂପଦର ବିକାଶ ଓ ବେକାରୀ ସଂଖ୍ୟାକୁ ହ୍ରାସ କରିବା ଉଦ୍ଦେଶ୍ୟରେ, ଓଡିଶା ସରକାରଙ୍କ ମତ୍ସ୍ୟ ପୋଖରୀ ଯୋଜନା, ଏହି ଯୋଜନାଟି ପୋଖରୀ ଖୋଳିବା ସହିତ ମାଛଚାଷ ପାଇଁ ଉଦ୍ଦିଷ୍ଟ । ଆଗ୍ରହୀ ଚାଷୀ, ଯୁବଗୋଷ୍ଠୀ ଓ ଆତ୍ମନିଯୁକ୍ତି ପାଇଁ ଏହା ଏକ ଉତମ ଯୋଜନା। ନୂତନ କରି ମାଛ ଚାଷ ଆରମ୍ଭ କରିବାକୁ ଇଚ୍ଛୁକ ଯୁବଗୋଷ୍ଠୀ ଏହାର ସୁଯୋଗ ନେବା ଦରକାର । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମ ପଚାଂୟତ ପୋଖରୀରେ ମାଛ ଚାଷ ଯୋଜନା ଓଡିଶା ସରକାରଙ୍କ ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ । ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆର୍ଥିକ ସଶକ୍ତିକରଣ କରିବା ସହିତ ରାଜ୍ୟର ମତ୍ସ୍ୟ ଉତ୍ପାଦନ ଓ ମାଛଚାଷ ପ୍ରତି ସାଧାରଣରେ ଆଗ୍ରହ ସୃଷ୍ଟି କରିବା ଏହି ଯୋଜନାଟିର ଉଦ୍ଦେଶ୍ୟ । ଏହି ଯୋଜନା

ଶୁଚିସ୍ମିତା ପୃଷ୍ଟି

ମାଧ୍ୟମରେ ଗ୍ରାମାଚଂଳରେ ପୁଷ୍ଟିହୀନତା ଦୂରୀକରଣ ହୋଇପାରିବ । ଅଧିକ ମାଛ ଓ ଚିଙ୍ଗୁଡି ଉତ୍ପାଦନ ପାଇଁ ନୂତନ ଜ୍ଞାନ ଓ ଯନ୍ତ୍ରପାତିର ଆବଶ୍ୟକତା ଅଛି। ତେଣୁ ଜଳ କୃଷି ଯନ୍ତ୍ରପାତି ଗୁଡିକର ବହୁଳ ବ୍ୟବହାର ପାଇଁ ଓଡିଶା ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସହାୟତାର ବ୍ୟବସ୍ଥା କରାଯାଇଛି। ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବିମାନଙ୍କର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଥମିକ ମତ୍ସ୍ୟଜୀବି ସମବାୟ ସମିତି ଗୁଡିକର ପୁନଃକ୍ଷମ କରିବା ପାଇଁ ୨ଲକ୍ଷ ଟଙ୍କାର ଆବଟଂନ ପାଣ୍ଠି ଯୋଗାଇ ଦିଆଯାଉଛି। ତେଣୁ ଏ ପ୍ରକାର ପ୍ରୋତ୍ସାହନ ନିଶ୍ଚିତ ଭାବରେ ପ୍ରାଥମିକ ମତ୍ସ୍ୟଜୀବି ସମବାୟ ସମିତି ଗୁଡିକୁ ଉନ୍ନତି ପଥରେ ସହାୟକ ହେବା ସହିତ ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବିମାନଙ୍କର ଆର୍ଥିକ ବିକାଶ ହୋଇପାରିବ ବୋଲି ଆଶା କରାଯାଏ। ଖାରିପାଣିରେ ମାଛ ଓ ଚିଙ୍ଗୁଡି ଚାଷ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ଉପଯୋଗୀ ଅଟେ। ଏହି ପ୍ରୋତ୍ସାହନ ମାଧ୍ୟମରେ ଖାରିପାଣୀ ସଂପଦର ସୁବିନିଯୋଗ ହେବା ସହିତ ଆତ୍ମନିଯୁକ୍ତି ସୃଷ୍ଟି ହୋଇପାରିବ। ଏହି ପ୍ରକଳ୍ପ ମାଧ୍ୟମରେ ନୂତନ ପୋଖରୀ ଖନନ ଓ ଚିଙ୍ଗୁଡି ଚାଷ, ନୂତନ ପୋଖରୀ ଖନନ ଓ ଭେକଟି ମାଛ ଚାଷ ଏବଂ ଖାରିପାଣି ମାଛ ଓ ଚିଙ୍ଗୁଡି ହ୍ୟାଚେରୀ ପ୍ରତିଷ୍ଠା ପାଇଁ ପ୍ରକଳ୍ପର ମୂଲ୍ୟ ସହିତ ରିହାତିର ବ୍ୟବସ୍ଥା କରାଯାଇଛି। ବାୟୋଫ୍ଲକ ମାଧ୍ୟମରେ ମାଛଚାଷ, ମତ୍ସ୍ୟ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଆଗ୍ରହୀ ଯୁବକଯୁବତୀଙ୍କୁ ଆତ୍ମନିର୍ଭର କରିବା ଓ ମତ୍ସ୍ୟ ଉତ୍ପାଦନକୁ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା। ବାୟୋଫ୍ଲକ ମାଧ୍ୟମରେ ଜଣେ ହିତାଧିକାରୀ କମ ଖର୍ଚ୍ଚରେ, କମ ଜାଗାରେ, କମ ସମୟରେ ଓ କମ ଜଳରେ ଚାଷ କରିପାରିବ। ପଲିଥିନ ଆସ୍ତରଣଯୁକ୍ତ ପୋଖରୀରେ ଚିଙ୍ଗୁଡି ଚାଷ କରିବା ପାଇଁ ସରକାରଙ୍କର ପ୍ରୋତ୍ସାହନ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ପଦ୍ଧତିରେ ଖାରିପାଣିରେ ଚିଙ୍ଗୁଡି ଚାଷ କଲେ ହିତାଧିକାରୀ ଅଧିକ ଉତ୍ପାଦନ ପାଇପାରିବେ।

ଯୋଜନାଗୁଡିକୁ ପାଇବାକୁ ହେଲେ, ସରକାରଙ୍କ ଦ୍ୱାରା କରାଯାଇଥିବା ନିୟମାବଳୀ ଅନୁସାରେ ଯୋଗ୍ୟ ବିବେଚିତ ହେବା ଦରକାର । ଯୋଜନା ଗୁଡିକର ବିସ୍ତୃତ ବିବରଣୀ ପାଇଁ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରିବା ଆବଶ୍ୟକ। ମାଛ ଚାଷୀ ଓ ମାଛ ଚାଷ ପ୍ରତି ଆଗ୍ରହୀ ଲୋକମାନଙ୍କ ପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ଯୋଜନା ଗୁଡିକ ଅତ୍ୟନ୍ତ ଉପେଯାଗୀ ଓ କର୍ମନିଯୁକ୍ତି ମାଧ୍ୟମରେ ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ ଯୋଜନା ଗୁଡିକ ଗୁରୁତ୍ୱପୂର୍ଣ୍ଣ ଅଟେ।

ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ (ଓ.ୟୁ.ଏ.ଟି)
ଗଞ୍ଜାମ- ୭୬୦୦୦୭
ମୋ- ୯୯୩୮୦୬୦୮୮୬

କେଶର, କସ୍ତୁରୀ

ଦୁର୍ଲ୍ଲଭ ଜିନିଷର ମୂଲ୍ୟାଙ୍କନ ତା'ର ଉପଲବ୍ଧ ପରିମାଣ ମାତ୍ରା ଉପରେ ନିର୍ଭର କରିଥାଏ। ଏମିତି କିଛି ଅଦ୍ୱିତୀୟ ଜିନିଷ ମଧ୍ୟ ପୃଥିବୀ ପୃଷ୍ଠରେ ଦେଖିବାକୁ ମିଳେ ଯାହାର ମୂଲ୍ୟ ଅମୂଲ୍ୟ। ବାସ୍ତବିକ ସେସବୁର ପରିଚୟ କେବଳ ମନୁଷ୍ୟ ଦ୍ୱାରା ହିଁ ହୋଇଥାଏ। ହେଲେ ସବୁ ମଣିଷ କ'ଣ ସେହି ଦୁର୍ଲ୍ଲଭ ଜିନିଷ ଗୁଡିକର ଗୁଣାତ୍ମକ ମାନ ନିର୍ଦ୍ଧାରଣ କରିପାରନ୍ତି ନା ତାହାର ପରିଚୟ ପାଇପାରନ୍ତି ? ? ସେହି ଅମୂଲ୍ୟର ପରିଚୟ କେବଳ ତାକୁ ମୂଲ୍ୟାଙ୍କନ କରିପାରିବା ଭଳି କ୍ଷମତା ଥିବା ମନୁଷ୍ୟ ହିଁ କରିପାରନ୍ତି ଯାହା ସର୍ବସାଧାରଣଙ୍କ ସମ୍ମୁଖରେ ଅଲୌକିକ ଭଳି ଦୃଶ୍ୟମାନ ହୋଇଥାଏ ! ପରଖି ପରିଚୟ ପାଇପାରିଥିବା ମଣିଷ ମାନଙ୍କ ଉପରେ ବିଶ୍ୱାସ ରଖି ସେସବୁ ଗ୍ରହଣୀୟ ହୋଇଥାଏ ସାଧାରଣ ମନୁଷ୍ୟ ସମାଜରେ। ଅନେକ କ୍ଷେତ୍ରରେ ସେଗୁଡିକ କିଛି ପ୍ରାମାଣିକ ତଥ୍ୟ

ରବି ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଜିଲା ଯୋଗାଣ ଅଧିକାରୀଙ୍କ ଅଫିସ ସମ୍ମୁଖରେ ଧାରଣା ଦେଲେ ଚାଷୀ

ଝାରସୁଗୁଡା:ଟୋକନ ସମାସ୍ୟା ଯୋଗୁଁ ଚାଷୀ ନିଜର ଉତ୍ପାଦିତ ଫସଲ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେଉଛି । କେତେବେଳେ ନାମ ପଞ୍ଜୀକରଣ ତ ଆଉ କେତେବେଳେ ଟୋକନ୍ ପ୍ରଦାନରେ ସମସ୍ୟା ଦେଖାଦେଇଛି । ଫଳରେ ଚାଷୀ ଉତ୍ପାଦିତ ଫସଲ ବିକ୍ରି କରୁଥିଲେ ମଧ୍ୟ ଉଚିତ ମୂଲ୍ୟ ପାଇପାରୁ ନାହିଁ । ଝାରସୁଗୁଡ଼ା ଜିଲାରେ ଏଭଳି ସ୍ଥିତିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଚାଷୀ । ଉଦ୍ୟକ୍ତ ଚାଷୀ ଧାନ କିଣା ବିକା ଅବ୍ୟବସ୍ଥା କୁ ନେଇ ଆଜି ଜିଲା ଯୋଗାଣ ଅଧିକାରୀ ଅଫିସ ସମ୍ମୁଖରେ ଧାରଣା ଦେଲେ ଚାଷୀ ।ଧାରଣା ସାମିଲ ହେଲେ ଜିଲ୍ଲା ବିଜେପି ସଭାପତି ମଙ୍ଗଳ ସାହୁ । ପରେ ଉଦ୍ୟକ୍ତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି ଜିଲ୍ଲାପାଳ,ଅତିରିକ୍ତ ଜିଲ୍ଲାପାଳ ଉପ-ଜିଲ୍ଲାପାଳ ଏବଂ ଜିଲ୍ଲା ଯୋଗାଣ ଅଧିକାରୀ ।ଚାଷିଙ୍କ ସମସ୍ୟା ନେଇ ଜିଲ୍ଲା ପ୍ରଶାସନ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିବା ବେଳେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଜିଲ୍ଲା ବିଜେପି ସଭାପତି ମଙ୍ଗଳ ସାହୁ ରବି ରତୁ ଧାନ ବିକ୍ରିକୁ ନେଇ ଏବେ ଚିନ୍ତାରେ ଚାଷୀ । ଚାଷୀଙ୍କ ନାମ ପଞ୍ଜୀକରଣ, ଟୋକନ୍ ଓ ଟାର୍ଗେଟ୍ ଆଦି ସମସ୍ୟା ଲାଗିରହିଥିବାବେଳେ ଚାଷୀମାନେ ନିଜର ଉତ୍ପାଦିତ ଫସଲ ବିକ୍ରି କରି ନ ପାରି କମ୍ ମୂଲ୍ୟରେ ଅସାଧୁ ବ୍ୟବସାୟୀଙ୍କୁ ଦେବାପାଇଁ ବାଧ୍ୟ ହେଉଛନ୍ତି ।ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ସାଙ୍ଗକୁ ଟୋକନ ବ୍ୟବସ୍ଥାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଭରି ରହିଛି । ହୀରାକୁଦ ଜଳଭଣ୍ଡାର ପାଶ୍ୱବର୍ତି ଜମିରେ ରବି ରତୁରେ ଧାନ ଚାଷ କରିଥିବା ଚାଷୀଙ୍କ ଧାନ ବିକ୍ରିକୁ ନେଇ ମଧ୍ୟ ଅନିଶ୍ଚିତତା ଲାଗି ରହିଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି । ଗତ ମେ ୧୮ ତାରିଖ ଠାରୁ ଝାରସୁଗୁଡା ଜିଲ୍ଲାରେ ରବି ଧାନ ସଂଗ୍ରହ ଆରମ୍ଭ ହୋଇଛି । ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି କାରଣରୁ ଚାଷୀମାନେ ଚଳିତ ରବି ରତୁରେ ଧାନ ବିକ୍ରି କରିବା କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି ।ଟୋକନ ବ୍ୟବସ୍ଥା କାରଣରୁ ଚାଷୀ ଭୋଗୁଥିବା ଦୁର୍ଦ୍ଦଶାର ଅନେକ ଉଦାହରଣ ବିଗତ ଦିନରେ ଦେଖିବାକୁ ମିଳିଛି । ସରକାରୀ ବ୍ୟବସ୍ଥାନୁଯାୟୀ ରବି ରତୁ ପାଇଁ କେବଳ କେନାଲ, ଗଭୀର ନଳକୂପ ଏବଂ ଉଠା ଜଳସେଚନ ସୁବିଧା ଥିବା ଜମିର ତଥ୍ୟ ରହିଥିବା ବେଳେ ଅନ୍ୟାନ୍ୟ ପାରମ୍ପାରିକ ଉପାୟରେ ଚାଷୀ ଧାନ ଚାଷ କରିଥିଲେ ହେଁ ତାହା ହିସାବକୁ ନିଆଯାଉ ନାହିଁ । ଫଳରେ ସେସବୁ ଜମିର ଧାନ ବିକ୍ରି କରିବାରେ ଅସୁବିଧା ହେଉଛି । ଭାଗ ଚାଷୀମାନଙ୍କ ନାମ ପଞ୍ଜୀକରଣ ମଧ୍ୟ ସଠିକ ଭାବେ ହୋଇ ପାରୁନାହିଁ । ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଉଛି ।ଅନ୍ୟପଟେ କିଛି ଘଂଟା ପରେ ରାଜ୍ୟରେ ରବି ଧାନ ସଂଗ୍ରହ ଶେଷ ହେବ । ଚଳିତ ରବି ସିଜନରେ ୨ ଲକ୍ଷ ୨୪ ହଜାର ୫୪୪ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକୃତ କରିଥିବା ବେଳେ ୨ ଲକ୍ଷ ୩ ହଜାର ୮୫ଜଣ ଚାଷୀଙ୍କ ଠାରୁ ମୋଟ ୧୪.୪୩ ଲକ୍ଷ ମେଟ୍ରିକ ଟନ ଧାନ ଯୋଗାଣ ବିଭାଗ ସଂଗ୍ରହ କରିଛି ।ଆଜି ସୁଦ୍ଧା ରବି ସିଜନ ରେ ୯୧.୭୫ ? ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିଛନ୍ତି । ୨୦ ହଜାର ୭୧୦ ପଞ୍ଜିକୃତ ଚାଷୀ ଭାଗ୍ୟ ଅନ୍ଧାର । ବାଲେଶ୍ୱର ରୁ ୪୭୨୧,ବରଗଡ଼ ୩୨୬୦,ପୁରୀ ୩ ୨ ୫ ୭ , କ ଳ । ହ । ଣ୍ଡି ୨ ୭ ୮ ୭ , ସେ । ନ ପୁ ର ୧ ୫ ୩ ୧ , ସ ମ୍ବ ଲ ପୁ ର ୮୫୧,ଯାଜପୁର ୭୩୬ ଏବଂ କଟକ ରୁ ୫୨୧ ଜଣ ପଞ୍ଜିକୃତ ଚାଷୀ ଧାନ ବିକି ନାହାନ୍ତି । ରାଜ୍ୟରେ ଚଳିତ ବର୍ଷ ରବି ସିଜନରେ ଜଣେ ଚାଷୀ ହାରାହାରି ୭୦.୮୫ କ୍ୱିଂଟାଲ ଧାନ ବିକ୍ରି କରିଛନ୍ତି । ଅନ୍ୟପଟେ ରବି ସିଜନ ରେ ମଣ୍ଡି ସମସ୍ୟା କୁ ନେଇ ଜୁନ ୧ ଓ ୨ ତାରିଖ ଆନ୍ଦୋଳନ କରିବ ବୋଲି ବିଜେପି ଜିଲ୍ଲା ସଭାପତି ମଙ୍ଗଳ ସାହୁ କହିଛନ୍ତି ।

ଭଦ୍ରକ ରେଳଷ୍ଟେସନରୁ ଗିରଫ ହେଲା ଅନ୍ତଃରାଜ୍ୟ ମୋବାଇଲ୍ ଲୁଟେରା

ଭଦ୍ରକ: ଭଦ୍ରକ ରେଳଷ୍ଟେସନରୁ ଗିରଫ ହୋଇଛି ଜଣେ ଅନ୍ତଃରାଜ୍ୟ ମୋବାଇଲ୍ ଲୁଟେରା । ଗିରଫ ଅଭିଯୁକ୍ତ ଠାରୁ ୯ଟି ନାମୀଦାମୀ ମୋବାଇଲ୍ ଫୋନ୍ ଜବତ କରିଛି ରେଳବାଇ ପୁଲିସ୍ ଓ ଜିଆରପି । ସୂଚନା ଅନୁସାରେ ଗତକାଲି ରାତିରେ ଭଦ୍ରକ ରେଳ ଷ୍ଟେସନରେ ଜଣେ ଯୁବକ ସନ୍ଦେହ ଜନକ ଅବସ୍ଥାରେ ବୁଲୁଥିବାବେଳେ ଆରପିଏଫ୍ ପୁଲିସ୍‌ର ନଜର ପଡିଥିଲା । ପରେ ଉକ୍ତ ଯୁବକକୁ ଆରପିଏଫ୍ ଓ ଜିଆରପି ପୁଲିସ୍ ପଚରା ଉଚୁରା କରି ଯାଞ୍ଚ କରିବାରୁ ତା' ପାଖରୁ ୯ଟି ନାମୀଦାମୀ ମୋବାଇଲ୍ ଫୋନ୍ ଜବତ ହୋଇଥିଲା । ଅଭିଯୁକ୍ତ ଜଣକ ବହୁଦିନ ଧରି ଟ୍ରେନ୍‌ର ପାସେଞ୍ଜରଙ୍କ ଠାରୁ ମୋବାଇଲ୍ ଚୋରି କରି ଆସୁଥିଲା । ବିଶେଷକରି ଭଦ୍ରକରୁ କୋଲକାତା ମଧ୍ୟରେ ଅଭିଯୁକ୍ତ ପାସେଞ୍ଜର ଠାରୁ ଛିନ୍‌ତାଇ କରୁଥିଲା ମୋବାଇଲ୍ । ଅଭିଯୁକ୍ତ ସେକ୍ ଆସିକ୍ ନାବାଳକ ହୋଇଥିବାବେଳେ ତା' ଘର ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ବୋଲି ଜଣାପଡିଛି । ତେବେ ଅଭିଯୁକ୍ତ ଜଣକୁ କୋର୍ଟ ଚାଲାଣ କରାଯାଇଥିବା ସହ ଜିଆରପି ଓ ଆରପିଏଫ୍ ପକ୍ଷରୁ ଅଧିକ ତଦନ୍ତ ଚାଲୁରହିଛି ବୋଲି କହିଛନ୍ତି ଆରପିଏଫ୍ ଇନ୍ସ୍ପେକ୍ଟର ବିକାଶ ରଂଜନ ସିଂ ।

ସରକାରୀ ଜମି ଦଖଲକୁ ନେଇ ବିବାଦ

ମାଲକାନଗିରି:ସରକାରୀ ଜମି ଦଖଲ ବିବାଦ କୁ କେନ୍ଦ୍ର କରି ଦୀର୍ଘ ଦିନ ହେଲା ଚିତ୍ରକୋଣ୍ଡା ବ୍ଲକ ଅଂଚଳର ଆଦିବାସୀ ମାନଙ୍କ ଭିତରେ ଚାଲିଛି ଛକା ପଂଝା ର ଶୀତଳ ଯୁଦ୍ଧ, ଆଗାମୀ ଦିନରେ ଆଦିବାସୀ ମାନଙ୍କ ଭିତରେ କେତେବେଳେ କି ପ୍ରକାର ଉଗ୍ର ରୂପ ନେବ ତାହା କହି ହେବ ନାହିଁ । ଦୀର୍ଘ ଦିନ ହେବ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ର ଚାରି ଗୋଟି ପଂଚାୟତ ର ବାରଗୋଟି ଗ୍ରାମ ର ୧ ୦୫ ଗୋଟି ପରିବାର ଚିତ୍ରକୋଣ୍ଡା ରାଜଲକୋଣ୍ଡା ନିକଟସ୍ଥ ଉଦ୍ୟାନ ବିଭାଗ ଫଳ ବଗିଚାର କେତେକ ସ୍ଥାନରେ ଜରି ବାନ୍ଧି,ଜମି ସଫା କରି ଜବର ଦଖଲ କରି ରହିବାକୁ ପ୍ରଥମେ ଉଦ୍ୟମ କରିଥିବା ବେଳ ଏବେ ସେମାନେ ନିକଟସ୍ଥ ଜଙ୍ଗଲ କୁ ସଫାକରି ସରକାରୀ ଗୋଚର ଜମି ଉପରେ ମାଟି କୁଡ଼ିଆ ବାନ୍ଧି ଜବର ଦଖଲ କରି ବସ୍ତି ବାନ୍ଧି ରହୁଛନ୍ତି । ଉକ୍ତ ବସ୍ତି ର ନାମ ତିରୁପତିପୁରମ ନାମ ରଖିଛନ୍ତି । ମାଲକାନଗିରି ଜିଲା ପ୍ରଶାସନ ସେମାନଙ୍କୁ ବାରମ୍ବାର ସମସ୍ତ ସୁବିଧା ଯୋଗାଇ ଦିଆଯିବ ନିଜ ଭିଟା ମାଟିକୁ ଫେରି ଯିବାକୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ପ୍ରଶାସନ କଥା ହେୟ ଜ୍ଞାନ କରି ଆଜି ସୁଧା ଘୁଂଚି ନାହାନ୍ତି ବରଂ ଆହୁରି ଅଧିକା ଜାଗା ଦଖଲ କରିବାରେ ଲାଗିଛନ୍ତି । ପ୍ରଶାସନ ତରଫରୁ ସ୍ୱାଭିମାନ ଅଂଚଳରେ ବିକାଶ ଆଗେଇ ଚାଲିଛି ବହୁ ପରିବର୍ତନ ହେଉଛି ଆଗକୁ ମଧ୍ୟ ସମସ୍ତ ସୁବିଧା ହେବ ତେଣୁ ଉକ୍ତ ସ୍ଥାନକୁ ଛାଡି ନିଜ ଭିଟାମାଟିକୁ ଫେରିଯାଅ ସେଠି ପ୍ରଶାସନ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ସେମାନ ଙ୍କୁ ଫେରିଯିବାକୁ କହିଥିଲେ ମାତ୍ର ଆଜି ପର୍ଯ୍ୟନ୍ତ ସେହି ଜାଗା ଛାଡି ଯାଉନାହାନ୍ତି । ଆଜି ପୁଣି ମାଲକାନଗିରି ଜିଲା ପ୍ରଶାସନ ଙ୍କ ନିର୍ଦେଶ କ୍ରମେ ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି,ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା,ଚିତ୍ରକୋଣ୍ଡା ଥାନା ଏଏସଆଇ କୃଷ୍ଣ ସେବକ ବାଘ,ଆରଆଇ ରୁଦ୍ର ପ୍ରସାଦଗୌଡ଼ ଏବଂ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ବିଭିନ୍ନ ଗ୍ରାମର ଗ୍ରାମ ମୁଖିଆ ଏବଂ ଆଦିବାସୀ ସଂଗଠନ ର ସଦସ୍ୟ ଙ୍କ ସହ ବହୁ ଅନ୍ୟ ସାଥି ମାନଙ୍କ ମିଳିତ ଉଦ୍ୟମରେ ଜବର ଦଖଲ କାରୀଙ୍କ ସହିତ ଆଲୋଚନା କରି ସମାଧାନ କରିବାକୁ ଚେଷ୍ଟା କରି ଥିଲେ ମଧ୍ୟ ତାହା ଆଜି ସଫଳ ହୋଇନାହିଁ । ପ୍ରଶାସନ ସେମାନଙ୍କୁ ରାଜୁଲୁକୋଣ୍ଡ ଫାର୍ମ ନିକଟସ୍ଥ ସ୍ଥାନରୁ ରୁ ଖାଲିକରି ନିଜ ଭିଟାମାଟି କୁ ଚାଲିଯିବାକୁ ବୁଝାଇ ଥିଲେ ମଧ୍ୟ ସେମାନେ ଏକ ବୁଝା ହୋଇ ରହିଛନ୍ତି, ଉକ୍ତ ସ୍ଥାନରୁ ଯିବାକୁ ନାରାଜ ହେବାରେ ଲାଗିଛନ୍ତି । ପ୍ରଶାସନ ଓ ସ୍ଥାନିୟ ବହୁ ଆଦିବାସୀ ସଂଗଠନ ବାରମ୍ବାର ବୁଝାଇବା ପରେ ଲୋକ ମାନେ ଗାଁ କୁ ଫେରି ଯାଇ ନଥିବାରୁ ଆଜି ପୁଣି ରାଜଲକୋଣ୍ଡା ନିକଟସ୍ଥ ନୂଆ ଗ୍ରାମ ତିରୁପତିପୁରମ ରେ ପ୍ରଶାସନ ଅଧିକାରୀ, ଜନ ପ୍ରତିନିଧି ଓ ସ୍ଥାନୀୟ ବିଭିନ୍ନ ଆଦିବାସୀ ସଂଗଠନ ଓ ସ୍ଥାନୀୟ ଜନସାଧାରଣ ବହୁ ସମୟ ଧରି ଉକ୍ତ ଜବର ଦଖଲ କାରୀଙ୍କ ସହ ଆଲୋଚନା ଫେଲ ମାରି ଚାଲିଛନ୍ତି ତଥାପି ପ୍ରଶାସନ ର ଉଦ୍ୟମ ଜାରି ରହିଛି । ଉକ୍ତ ସରକାରୀ ଜମି ଜବର ଦଖଲ କୁ କେନ୍ଦ୍ର କରି ବିଭିନ୍ନ ପଂଚାୟତ ଆଦିବାସୀ ଭିତରେ ବିବାଦ ଘନେଇବାରେ ଲାଗିଛି କ୍ଷ ଗୋଟିଏ ପଟେ ସରକାରୀ ଜମି ଉପରେ ଜବର ଦଖଲ କରିଥିବା ବସ୍ତି ବାସିନ୍ଦା ମାନେ ସ୍ଥାନୀୟ ବିଭିନ୍ନ ପଂଚାୟତ ଲୋକେ ଅସ୍ତ୍ର ଶସ୍ତ୍ର ଧରି ପଳାଇ ଯିବାକୁ ଭୟଭୀତ କରୁଥିବାର ଅଭିଯୋଗ କରୁଥିବା ବେଳେ ସ୍ଥାନୀୟ ବିଭିନ୍ନ ପଂଚାୟତ ଜନସାଧାରଣ ଉକ୍ତ ଅଭିଯୋଗ କୁ ଖଣ୍ଡନ କରିବା ସହ ମିଛ କଥା ବୋଲି କହିଥିଲେ ଏବଂ ଉକ୍ତ ଜବର ଦଖଲ କାରି ମାନେ ଉକ୍ତ ସ୍ଥାନକୁ ହାତେଇବା ଉଦେଶ୍ୟରେ ବରଂ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଧରି ଅପଚେଷ୍ଟା ଜାରି ରଖିଥିବା ପାଲଟା ଅଭିଯୋଗ ହେଉଛି !ଏଠାରେ ସାଧାରଣ ରେ ପ୍ରଶ୍ନ ଉଠୁଛି ଯେତେବେଳେ ଗୁରିପ୍ରିୟା ସେତୁ ନଥିଲା ଅଂଚଳରେ ରାସ୍ତା ଘାଟ ସୁବିଧା ନଥିଲା ସେତେବେଳେ ତ ମାଓବାଦୀ ଥିଲେ ଏବେ ଅଂଚଳରେ ଉନ୍ନତି ସହ ପୋଲିସ ଫୋର୍ସ ରହି ମାଓବାଦୀ ଙ୍କୁ ଅଂଚଳ ରୁ ମୂଳପୋଛା କରୁଛନ୍ତି ଏବେ କିପରି ଏହି ଚାରି ଟି ଗ୍ରାମବାସୀ ଙ୍କୁ ମାଓବାଦୀ ବିତାଡିତ କଲେ , ଯଦି ଏମାନେ ଏଠାରେ ଆସି ରହିଲେ ତାଙ୍କ ପୁରୁଣା ଗାଁ ର ଯେକୌଣସି ନାଁ ଦେଇ ଏହି ସ୍ଥାନରେ ରହିବା ପରିବର୍ତେ ଓଡିଶା ରେ ରହି ଆନ୍ଧ୍ର ନାଁ ପାର୍ବତୀପୁରମ ଦେବା ର ରହସ୍ୟ କଣ !ଚିତ୍ରକୋଣ୍ଡା ଅଂଚଳ ବାସୀଙ୍କ କହିବା କଥା ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ସର୍ବପୁରାତନ ଏହି ରାଜଲକୋଣ୍ଡା ଫାର୍ମ ର ଉନ୍ନତି କରଣ ପାଇଁ ଯୋଜନା ଚାଲିଛି ଏବଂ ଏଥିପାଇଁ ଅଧିକା ଜାଗା ର ମଧ୍ୟ ଆବଶ୍ୟକତା ରହିଛି, ଯଦି ଏହି ୧ ୦୫ ଟି ପରିବାର ନିଜ ଭିଟାମାଟିକୁ ଯିବାକୁ ଚାହୁଁନାହାନ୍ତି ତାହାହେଲେ ସେମାନଙ୍କ ନାମରେ ଥିବା ଜମି ଗୁଡିକୁ ସରକାର ନିଜ ଦଖଲକୁ ନେଇଆସନ୍ତୁ !ସ୍ୱାଭିମାନ ଅଂଚଳରେ ଥିବା ବହୁମୂଲ୍ୟବାନ ଖଣିଜ ସମ୍ପଦକୁ ଆନ୍ଧ୍ର ର କିଛି ପ୍ରଭାବଶାଳୀ ବ୍ୟକ୍ତି ହାତେଇବାପାଇଁ ଲୋକଙ୍କୁ ଶିଖାଇ ଏପରି କରିଥିବା ନେଇ ମଧ୍ୟ ଅଭିଯୋଗ ହେଉଛି !ତୁରନ୍ତ ରାଜ୍ୟ ସରକାର ଏହି ଘଟଣାର ସମା ଧାନ ନକଲେ ସ୍ୱାଭିମାନ ଅଂଚଳ ର ଗାଁ ଗୁଡିକ ଆନ୍ଧ୍ର କବଜାକୁ ଚାଲିଯିବ ଏଥିରେ ଦ୍ୱିମତ ନାହିଁ !

ବନମହୋତ୍ସବ ଦିବସ ବଣ ପାଇଁ ପଣ

ଭୁବନେଶ୍ୱର:ଜୁଲାଇ ୧ରୁ ଦେଶ ପାଳନ କରିବ ବନମହୋତ୍ସବ ସପ୍ତାହ । ଦେଶରେ ଜଙ୍ଗଲ କ୍ଷୟ ଜନିତ ସମସ୍ୟା ସମ୍ପର୍କରେ ଆମେ ଅବଗତ । ବିଗତ ୩୦ ବର୍ଷ ମଧ୍ୟରେ ଆମେ ଅନେକ ଜଙ୍ଗଲ ହରାଇ ସାରିଛୁ ।

ମ୍ୟାଟ୍ରିକ ପାସକଲେ ୬୫ ଆଶାକର୍ମୀ; ୫୯ବର୍ଷରେ ମିଳିଲା ମ୍ୟାଟ୍ରିକ ପ୍ରମାଣପତ୍ର

ଭଦ୍ରକ: ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ୬୫ ଜଣ ଆଶାକର୍ମୀ ଚଳିତ ବର୍ଷ ରାଜ୍ୟ ମୁକ୍ତ ବିଦ୍ୟାଳୟରୁ ମ୍ୟାଟ୍ରିକ ପାସ କରିଛନ୍ତି । ସେମାନଙ୍କ ମଧ୍ୟରେ ଆଶାକର୍ମୀ ଗୁନାରାଣୀ ଖଟୁଆ ୫୯ ବର୍ଷ, ରାଧାମଣୀ ମହାନ୍ତି ୫୮ ବର୍ଷ, କେତକୀଲତା ରାଉତ ୫୮ ବର୍ଷ ଓ ରଜନୀରାଣୀ ମହାନ୍ତି ୫୮ ବର୍ଷ ସାମିଲ ଅଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟରେ ନିୟୋଜିତ ହେବା ପାଇଁ ୨୦୦୬ ମସିହାରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପ୍ରତ୍ୟେ ରାଜସ୍ୱ ଗ୍ରାମରେ ଜଣେ ଲେଖାଏଁ ଆଶାକର୍ମୀ ନାମମାତ୍ର ପାରିଶ୍ରମିକ ଓ ପ୍ରୋତ୍ସାହନ ଭିତ୍ତିରେ ନିଯୁକ୍ତି ଦିଆଯାଇଥିଲା । ସେହିସମୟରେ ଶିକ୍ଷାଗତ ଯୋଗ୍ୟତା ସପ୍ତମ ପାସ ରଖାଯାଇଥିଲା । ମାତ୍ର ବାସ୍ତବରେ ତୃତୀୟ, ପଞ୍ଚମ ଶ୍ରେଣୀ ଯୋଗ୍ୟତା ଥିବା ବହୁ ବୟସ୍କ ମହିଳା ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ୨୦୧୮ ମସିହାରେ ଆଶା କର୍ମୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ ମ୍ୟାଟ୍ରିକ ଧାର୍ଯ୍ୟ କରାଯାଇଥିଲା । ଏହାସହ ପୂର୍ବରୁ ନିଯୁକ୍ତି ପାଇଥିବା ଅପେକ୍ଷାକୃତ କମ ଶିକ୍ଷାଗତ ଯୋଗ୍ୟତା ଥିବା ଆଶାକର୍ମୀଙ୍କୁ ମୁକ୍ତ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ମ୍ୟାଟ୍ରିକ ପାସ କରିବାକୁ ପଡିବ ବୋଲି ସର୍ତ୍ତ ରଖାଗଲା । କାରଣ କାର୍ଯ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମ୍ୟାଟ୍ରିକ ଯୋଗ୍ୟତା ନିର୍ଦ୍ଧାରଣ କରାଯାଗଲା । ତଦନୁଯାୟୀ ଜାତୀୟ ହେଲଥ ମିଶନର ରାଜ୍ୟ ନିର୍ଦ୍ଦେଶକ ୨୦୧୯ ମସିହା ଅଗଷ୍ଟ ୨୪ ତାରିଖରେ ପତ୍ର ସଂକ୍ୟା ୨୫୪୦ ଅନୁଯାୟୀ ଶିକ୍ଷାଗତ ସଶକ୍ତ ପାଇଁ ପ୍ରତ୍ୟେକ ଅଣମ୍ୟାଟ୍ରିକ ଆଶାକର୍ମୀ ରାଜ୍ୟମୁକ୍ତ ବିଦ୍ୟାଳୟରେ ସରକାରୀ ଖର୍ଚ୍ଚରେ ମ୍ୟାଟ୍ରିକ ଅଧ୍ୟୟନ କରି ପାସ ପ୍ରମାଣପତ୍ର ହାସଲ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଦ୍‌କାରୀ ପତ୍ର ସଂଖ୍ୟା ୬୦୬୦ ଅନୁଯାୟୀ ଏହି ନିର୍ଦ୍ଦେଶକୁ ପାଳନ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ କାର୍ଯ୍ୟରତ ୧୪୩ ଆଶାକର୍ମୀଙ୍କ ମଧ୍ୟରୁ ଅଣମ୍ୟାଟ୍ରିକ ଥିବା ୮୫ଜଣଙ୍କ ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୨ଲକ୍ଷ ୫୩ ହଜାର ୩ଶହ ଟଙ୍କା ଅନୁଦାନ ଆସିଥିଲା । ନାମଲେଖା ଠାରୁ ଆରମ୍ଭ କରି ପରୀକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେକ ଆଶାକର୍ମୀଙ୍କ ପାଇଁ ମେଡିକାଲ ପକ୍ଷରୁ ରାଜ୍ୟ ମୁକ୍ତ ବିଦ୍ୟାଳୟର ଭଣ୍ଡାରିପୋଖରୀ କେନ୍ଦ୍ରକୁ ପୈଠ ହୋଇଥିଲା ୨୯୮୦ଟଙ୍କା । ଏମାନଙ୍କ ମଧ୍ୟରୁ ୨୦୧୯ ମସିହାରେ ପରୀକ୍ଷା ଦେଇ ପାସ କରିଥିଲେ ୧୯ ଜଣ । ଅବଶିଷ୍ଟ ୬୬ ଜଣଙ୍କ ମଧ୍ୟରୁ ଜଣେ ଚଳିତ ବର୍ଷ ଫର୍ମଫିଲପ ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ । ଅନ୍ୟ ୬୫ଜଣ ସରକାରୀ ଖର୍ଚ୍ଚରେ ଫର୍ମପୂରଣ କରିଥିଲେ ମ୍ୟାଟ୍ରିକ ପରୀକ୍ଷା ପାଇଁ । ପରୀକ୍ଷା ବାତିଲର ସୁଯୋଗ ନେଇ ଫର୍ମପୂରଣ କରିଥିବା ସମସ୍ତ ୬୫ଜଣ ଅଣମ୍ୟାଟ୍ରିକ ଆଶା କର୍ମୀ ପାସ କରିବାର ସୁଯୋଗ ଲାଭ କରିଥିଲେ । ଆଶା କର୍ମୀଙ୍କ ଅବସର ମଧ୍ୟ ୬୦ ବର୍ଷ ରହିଛି । ଆଉ ମାତ୍ର ଗୋଟିଏ ବର୍ଷ ବାକି ଥାଇ ବସୁଠାରୁ ବୟସ୍କ ଆଶା କର୍ମୀ ଭାବେ ଗୁନାରାଣୀ ଖଟୁଆ ପାସ କରିଥିବା ସମ୍ପର୍କରେ ଉଭୟ ମେଡିକାଲ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସୂତ୍ରରୁ ପ୍ରକାଶ ।

ବିଷ ବଳୟରେ କଦଳୀ, ଆମ୍ବ ଓ ଆମିଷ, ଶୁଖୁଆ, ମାଛ ପରେ ଆମ୍ବରେ କେମିକାଲ ପ୍ରୟୋଗ

ଭଦ୍ରକ: ପ୍ରଥମେ ଶୁଖୁଆରେ କେମିକାଲ ଦିଆଯାଉଥିଲା । ପରେ ମାଛରେ ଏହି କେମିକାଲ ଜୋରଦାର ପ୍ରଚଳନ ହେଲା । ଏବେ ଆମ୍ବ, କଦଳୀ ପଚାଇବା ପାଇଁ ବ୍ୟବହାର ହେଉଛି ନାଲି ଓ ନେଳି ରଂଗର ଏହି କେମିକାଲ ପାଣି । ଧାମରା, ଚନ୍ଦନିପାଳ, ଚୂଡାମଣି ଅଂଚଳରେ ଥିବା ଶୁଖୁଆ ଖଳା ମାନଙ୍କରେ ଯେଉଁ କେମିକାଲ ବ୍ୟବହାର ହେଉଥିଲା, ତାହା ଏବେ ଫଳ ଗୋଦାମରେ ବି କାରବାର ହେଉଛି । ସମୁଦ୍ରରୁ ମାଛ ଧରୁଥିବା ଧୀବର ଏହି ବ୍ୟବସାୟୀଙ୍କ ହାତକୁ ମାଛଧରା ଜେଟିରେ ମାଛ ମପେଇ ଦେବା ପରେ ଏହି ଲୋଭୀ ବେପାରୀମାନେ କଲିକତାରୁ ଆଣୁଥିବା କେମିକାଲକୁ ଅଧା ପଚା ମାଛରେ ଦେଉଛନ୍ତି ଅଧିକ ଦିନ ରଖିବା ପାଇଁ । ବିଶେଷକରି ଧାମରାରୁ କଲିକତା, ଭଦ୍ରକ, ଭୁବନେଶ୍ୱର, କଟକ ଆଦି ସ୍ଥାନରେ ପହଞ୍ଚିବାକୁ ଓ ବିକ୍ରି ହେବାକୁ ଲାଗିଯାଉଛି ତିନିଦିନ ସମୟ । ଏହି ତିନିଦିନରୁ ପାଞ୍ଚଦିନ କାଳ ପାମ୍ପଲେଟ, ଖଅଙ୍ଗା ଆଦି ମାଛକୁ ରଖି ବିକ୍ରି କରିବା ପାଇଁ ଚାଲିଛି ଏହି ବିଷ ପ୍ରୟୋଗ । ମାଛ-ମାଂସ ଭଳି ଖୁବଶୀଘ୍ର ନଷ୍ଟ ହୋଇଯାଉଥିବା ଖାଦ୍ୟ ସାମଗ୍ରୀ



ସଡ଼କ ସୁରକ୍ଷା ଆମ ଦାୟିତ୍ୱ

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ହେଉଥିବାବେଳେ ସବୁଠାରୁ ମର୍ମାହତ କଲାପରି ଦୁଃଖଦ ଖବରଟି ହେଉଛି ପ୍ରତିବର୍ଷ ସମଗ୍ର ବିଶ୍ୱରେ ୧.୨୫ ନିୟୁତ ଲୋକ ରାସ୍ତା ଦୁର୍ଘଟଣାର ଶିକାର ହେଉଥିବାବେଳେ ୨୫ ନିୟୁତରୁ ଉର୍ଦ୍ଧ୍ୱ କ୍ଷତାକ୍ତ ହେଉଛନ୍ତି। ପରବର୍ତ୍ତୀ ସମୟରେ ଏହି କ୍ଷତାକ୍ତଙ୍କ ଭିତରୁ କେତେକ ଜୀବନ ତମାମ ବିକଳାଙ୍ଗ ହେଉଥିବାରୁ ଛାତିଥରା ଘଟଣାକୁ ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରକାଶ କରିଛି। ତେବେ ଦୁଃଖଦ ଖବର ହେଉଛି ରାସ୍ତା ଦୁର୍ଘଟଣାରେ ଜୀବନ ଯାଉଥିବା ଲୋକସଂଖ୍ୟା ୧୦ ପ୍ରତିଶତ କେବଳ ହିଁ ଭାରତରେ। ଭାରତରେ ପ୍ରତିବର୍ଷ ପାଖାପାଖି ୫ଲକ୍ଷରୁ ଉର୍ଦ୍ଧ୍ୱ ସଡ଼କ ଦୁର୍ଘଟଣା ଘଟୁଥିଲେ ବି ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ଜଣଙ୍କ ଅକାଳରେ ଜୀବନ ଯାଉଛି। କିଶୋର ଓ ଯୁବବର୍ଗ ଅର୍ଥାତ୍ ୧୮ରୁ ୧୫ ବର୍ଷ ବୟସ୍କ ଯୁବ ଭାରତୀୟ ମାନଙ୍କ ଭାଗ ହେଉଛି ଶତକଡ଼ା ୪୪। ୨୦୧୭ରେ ଓଡ଼ିଶାରେ ୪୪୧୯ଟି ରାସ୍ତା ଦୁର୍ଘଟଣାରେ ୪୬୧୦ଜଣଙ୍କ ଜୀବନ ଚାଲିଯାଉଥିବାବେଳେ ୨୦୧୮ରେ ୫୨୩୪ଟି ରାସ୍ତା ଦୁର୍ଘଟଣା ୫୫୮୧ଜଣଙ୍କ ଜୀବନ ନେଇଛି। ସେହିପରି ନ୍ୟାସନାଲ କ୍ରାଇମ ରିସର୍ଚ୍ଚ ବ୍ୟୁରୋର ତଥ୍ୟ କହୁଛି କି ଯେ ୨୦୧୮ରେ ଦେଶରେ ସବୁଠାରୁ ଅଧିକ ହିଟ୍ ଆଣ୍ଡ ରନ୍ ଘଟଣା ସଂଗଠିତ ହେଉଛି ଓଡ଼ିଶାରେ। ଏହି ରାଜ୍ୟରେ ୪୩୧୨ଟି ଏହି ପର୍ଯ୍ୟାୟର ଘଟଣାରେ ୪୪୪୪ ଜଣଙ୍କ ଜୀବନ ଚାଲିଯାଇଛି। ନିଶାଗ୍ରସ୍ତ ହୋଇ ଗାଡ଼ି ଚଳାଇ ଅନ୍ୟ ମାନଙ୍କ ପ୍ରମୁଖ ଜୀବନ ନେଇଥିବା ଚାରୋଟି ରାଜ୍ୟ ଭିତରୁ ଓଡ଼ିଶାର ସ୍ଥାନ ମଧ୍ୟ ରହିଛି। ୨୦୧୮ ମସିହାରେ ନିଶାଜନିତ ବେପରୁଆ ଗାଡ଼ି ଚାଳନାରେ ସର୍ବାଧିକ ୨୩ ପ୍ରତିଶତ ଉତ୍ତରପ୍ରଦେଶରେ ଘଟିଥିବାବେଳେ ଓଡ଼ିଶାରେ ୬.୫ ଶତାଂଶ ଦୁର୍ଘଟଣା ଘଟିଛି। ଗତ ଦଶ ବର୍ଷ ଭିତରେ ଓଡ଼ିଶାରେ ୪୩୩୧୨ଜଣ ବ୍ୟକ୍ତିଙ୍କର ରାସ୍ତା ଦୁର୍ଘଟଣାରେ ଜୀବନ ଚାଲିଯାଇଛି। ଗତବର୍ଷ ସେପ୍ଟେମ୍ବର ମାସରୁ ଓଡ଼ିଶାରେ ସଂଶୋଧିତ ମୋଟରଯାନ ଆଇନ ଲାଗୁ ହୋଇଛି। ଏହାପର ଠାରୁ ରାସ୍ତା ଦୁର୍ଘଟଣା ଓ ତତ୍‌ଜନିତ ଦୁଃଖଦ ମୃତ୍ୟୁ ସଂଖ୍ୟା ପୂର୍ବ ବର୍ଷ ଅନୁଯାୟୀ କମିଛି। ସର୍ବଶେଷ ତଥ୍ୟ ଅନୁଯାୟୀ ଗତ ଅକ୍ଟୋବର ମାସରେ ପୂର୍ବ ତୁଳନାରେ ୧୯% ରାସ୍ତା ଦୁର୍ଘଟଣା ହ୍ରାସ ପାଇଛି। ପ୍ରତିବର୍ଷ ଜାନୁଆରୀ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପ୍ରତିବର୍ଷ ପରି ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ହୁଏ। ଚଳିତ ବର୍ଷ ଏହା ହେଉଛି ୨୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ। ଭାରତ ସରକାରଙ୍କ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ନିୟମିତ ପ୍ରତିବର୍ଷ ଏହି ସପ୍ତାହ ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ପାଳନ କରିଥାନ୍ତି। ସେହିପରି ୨୦୧୧ ମସିହାରୁ ଜାତୀୟ ସୁରକ୍ଷା ପରିଷଦ ଏଥିନିମିତ୍ତ ବ୍ୟାପକ ସାହାଯ୍ୟ ସହଯୋଗ ପ୍ରଦାନ କରୁଛି। ୩୦ବର୍ଷ ତଳ ପୁରୁଣା ମୋଟର ଯାନ ଆଇନ ସଂଶୋଧନ ହୋଇ ୨୦୧୯ ସେପ୍ଟେମ୍ବରଠାରୁ ଦେଶରେ ନୂତନ ମୋଟର ଯାନ ଆଇନ ପ୍ରବର୍ତ୍ତନ ହୋଇଛି। ସରକାରଙ୍କୁ ଏହି କ୍ଷେତ୍ରରେ ଅନେକ ବେସରକାରୀ ସଂଗଠନମାନେ ସାହାଯ୍ୟ ସହଯୋଗ କରୁଛନ୍ତି। ସାଧାରଣରେ ମଧ୍ୟ ସଚେତନ ବଢ଼ିବା ସହ ରାସ୍ତା ଦୁର୍ଘଟଣା କମିବାରେ ଲାଗିଛି।

ଏବେ ବାସ୍ତବ ପୃଷ୍ଠଭୂମିକୁ ଆସିବା। ବିଶ୍ୱର ଅନ୍ୟସବୁ ଦେଶରେ ତ ପ୍ରାଚୁର୍ଯ୍ୟ ବଢୁଛି। ସେଥିସହ ସେ ଦେଶରେ ଯାନବାହାନ ଚଳାଚଳ ନିଶ୍ଚିତ ରୂପେ ବଢୁଥିବ। ସେସବୁ ଦେଶରେ ତା'ହେଲେ ଏହି ମାତ୍ରାରେ ଦୁର୍ଘଟଣା ବଢ଼ିବା କଥା। ହେଲେ ବାସ୍ତବ ଚିତ୍ର ତାହା ନୁହେଁ। କିନ୍ତୁ ଭାରତ ଏବେ ବିଶ୍ୱର ଅନ୍ୟତମ ଦୁର୍ଘଟଣାପ୍ରବଣ ରାଷ୍ଟ୍ରରେ ପରିଣତ ହୋଇଛି ଓ ଖୁବ୍ ଶୀଘ୍ର ଏହା ହୁଏତ ଏକନମ୍ବର ସ୍ଥାନ ଅଧିକାର କରିପାରେ। ପୂର୍ବବର୍ଣ୍ଣିତ ତଥ୍ୟରୁ ଜଣାପଡ଼ିଛି, ବିପଜ୍ଜନକ ବେଗରେ ଓ ଦାୟିତ୍ୱହୀନ ଭାବେ ଯାନବାହନ ଚାଳନା ଭାରତରେ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ। ଯଦି ଏହା ସତ୍ୟ ହୋଇଥାଏ, ତା'ହେଲେ ଆମକୁ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ଅଧିକାଂଶ ଦୁର୍ଘଟଣା ମାନବକୃତ। କାରଣ ନିଜର ଯାନଟିକୁ କେଉଁ ପ୍ରକାରେ ସର୍ବସାଧାରଣ ରାସ୍ତାରେ ଚଳାଇବାକୁ ପଡ଼ିବ ଓ ତାହାକୁ କିପରି ଭାବେ ନିୟନ୍ତ୍ରଣ ରଖାଯିବା ଚାହି ସେକଥା ହୁଏତ ପରାମର୍ଶ ଦିଆଯାଇପାରେ, କିନ୍ତୁ ତାକୁ ମାନି ଗାଡ଼ିଚାଳନା କରିବା ଦାୟିତ୍ୱ ଆମ ସମସ୍ତଙ୍କର। ବେଳେବେଳେ ଏପରି ଘଟେ ଯେ ସମସ୍ତଙ୍କ ଦାୟିତ୍ୱ କାହାରି ବୋଲି ପ୍ରତୀୟ ହୁଏନାହିଁ। ଏହା ଏକ ବିପଜ୍ଜନକ ଓ ରଗ୍‌ଣ ମାନସିକତା। ଏ ବିକୃତି ଆମକୁ ଧୀରେ ଧୀରେ ଗୋଟାପଣେ ଗ୍ରାସ କରିବାକୁ କରିବାକୁ ବସିଲାରି। ୧୯୮୦ ଦଶକରେ ଦେଶରେ ଯାନବାହନ ସଂଖ୍ୟା ଯେତିକି ଥିଲା ଏବେ ତାହା ଶହେଗୁଣ ବଢ଼ି ସାରିଲାଣି। ପ୍ରତିଦିନ ଭାରତୀୟ ସଡ଼କକୁ ପ୍ରାୟ ୧୦ ହଜାରରୁ ଅଧିକ ନୂଆ ଗାଡ଼ି ଓହ୍ଲାଏ। ସେଥିରୁ ଅର୍ଦ୍ଧାଧିକ ହେଲା ଦୁଇଚକିଆ ଯାନ। ଏକଥା ସଡ଼କ ପରିଚାଳନା ବିଶେଷଜ୍ଞମାନେ ବିଶ୍ୱବ୍ୟାପୀ ସ୍ୱୀକାର କରିଛନ୍ତି ଯେ ଯେଉଁ ସଡ଼କରେ ଅଧିକ ଦୁଇଚକିଆ ଯାନ ଚାଲେ, ସେଠାରେ ଦୁର୍ଘଟଣା ଅଧିକ ଘଟେ। ଭାରତ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏକଥା ସ୍ୱୀକାର୍ଯ୍ୟ ଯେ ଦେଶର ସଡ଼କଗୁଡ଼ିକର ଅବସ୍ଥା ଗୁଣାତ୍ମକ ମାନ ଢ଼େର ବୃଦ୍ଧି ପାଇଛି। କିନ୍ତୁ ଏହାର ମଧ୍ୟ ଏକ ବିପରୀତମୁଖୀ ପ୍ରଭାବ ରହିଛି। ତାହା ହେଲା ସଡ଼କ ଭଲ ହେଲେ ଯାନବାହନର ବେଗ ମାତ୍ରାଧିକ ଭାବେ ବଢ଼ିଯାଉଛି। ଏହି ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଦେଶରେ ଘଟୁଥିବା ଦୁଇଚକିଆ ଯାନ ଦୁର୍ଘଟଣାର ସିଂହଭାଗ ହେଲେ ଯୁବଚାଳକ। ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଟ୍ରାଫିକ ନିୟମ ସଂପର୍କରେ ସୀମିତ ଜ୍ଞାନ ଅଥବା ଏହାକୁ ଆଦୌ ନମାନିବା ଦ୍ୱାରା ଏପରି କାଣ୍ଡ ଘଟୁଛି। ସଡ଼କ ଦୁର୍ଘଟଣା ଆମ ଦେଶରେ ପ୍ରତିବର୍ଷ ପ୍ରାୟ ଅଢ଼େଇ ଲକ୍ଷ ଲୋକଙ୍କୁ ସାରା ଜୀବନ ପାଇଁ ବିକଳାଙ୍ଗ କରିଦେଉଛି। ତାହା ପୁଣି ମାସ ମାସର ମହାର୍ଘ ଚିକିତ୍ସା ପରେ। କାରଣ ଦୁର୍ଘଟଣାର ଶିକାର ହେଉଥିବା ଅଧିକାଂଶ ଗାଡ଼ି ଚାଳକଙ୍କ ମସ୍ତିଷ୍କରେ ଜୋର ଆଘାତ ଲାଗିଥାଏ। ସେଥିପାଇଁ ସେମାନଙ୍କ ଠାରେ ଅସ୍ତ୍ରୋପଚାର କିମ୍ବା ଦୀର୍ଘଦିନର ଚିକିତ୍ସା କରିବାକୁ ପଡ଼ିଥାଏ। ଏଭଳି ଗୁରୁତର ଆହତଙ୍କ ଚିକିତ୍ସା ସବୁ ସ୍ଥାନରେ ଓ ସମସ୍ତଙ୍କ ପାଇଁ ଏଯାବତ୍ ଉପଲବ୍ଧ ହୋଇପାରିନାହିଁ। ତା'ଛଡ଼ା ଆଜିକାଲି ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପ୍ରାୟ ସମାନ ମାତ୍ରାରେ ଗୁରୁତର ଦୁର୍ଘଟଣା ଘଟୁଥିବା ଅଧ୍ୟୟନରୁ ଜଣାପଡ଼ିଛି। ତା' ଅର୍ଥ ଅନିୟନ୍ତ୍ରିତ ଓ କ୍ଷିପ୍ର ଡ୍ରାଇଭିଂ ହିଁ ଏହାର ଏକମାତ୍ର କାରଣ। ବିଶେଷକରି ଦୁଇଚକିଆ ଯାନ ଓ ଟ୍ରକ ସର୍ବାଧିକ ଦୁର୍ଘଟଣାପ୍ରବଣ ଯାନ ବୋଲି ଜଣାପଡ଼ିଛି। ସମାଜଶାସ୍ତ୍ରୀମାନଙ୍କ ଚିନ୍ତା ଯେ, ଯେହେତୁ ଦୁର୍ଘଟଣାରେ ଅଧିକାଂଶ ଯୁବବର୍ଗର ଲୋକ ଶରବ୍ୟ ହୋଇପଡୁଛନ୍ତି, ସେମାନେ ଚିକିତ୍ସା ପରେ ସୁଦ୍ଧା ସଂପୂର୍ଣ୍ଣ ଉପାର୍ଜନକ୍ଷମ ହୋଇପାରି ପରିବାର ଓ ନିଜ ଉପରେ ନିର୍ଭରଶୀଳ ହେବାକୁ ବାଧ୍ୟ ହେଉଛନ୍ତି। ସଡ଼କ ସୁରକ୍ଷା ପାଇଁ ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ସଚେତନ କରାଇବା ଦାୟିତ୍ୱ ଆମ ସମସ୍ତଙ୍କର।

ଅଭୟ କୁମାର ଦାସ, ଗୋତରା, ମାହାଙ୍ଗା, କଟକ, ଦୂରଭାଷ: ୯୪୩୭୧୪୨୭୧୭

ଭାରତୀୟ ଧର୍ମଧାରାରେ ସୂର୍ଯ୍ୟ ଉପାସନା: ଶାମ୍ବଦଶମୀ

ସୂର୍ଯ୍ୟ ସୌର ଜଗତର ସୃଷ୍ଟିର କାରଣ। ସେ ସକଳ ଶକ୍ତିର ଆଧାର। ତାଙ୍କ ଯୋଗୁଁ ଋତୁ ପରିବର୍ତ୍ତନ, ଦିନରାତି ଓ ଜୀବ ଜଗତ ସମ୍ଭବ ହୋଇଅଛି। ତାଙ୍କ ବିନା ଏ ସୃଷ୍ଟି କଳ୍ପନାତୀତ। ଏହା ବୈଜ୍ଞାନିକ ସତ୍ୟ।

ବ୍ରହ୍ମ ବୈବର୍ତ୍ତ ପୁରାଣ ମତେ ସୂର୍ଯ୍ୟ ହିଁ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା; ସେ ନିଜେ ପରଂବ୍ରହ୍ମ, : ଜଗତ ପିତା, ଧର୍ମ ଦେବତା। ଏଣୁ ହିନ୍ଦୁମାନେ ସ୍ନାନସାରି ସୂର୍ଯ୍ୟଙ୍କୁ ଜଳଦାନ ପୂର୍ବକ ନମସ୍କାର କରନ୍ତି:

ନମୋ ବୈବସ୍ୱତେ ବ୍ରହ୍ମନ୍ ଭାସ୍ୱତେ ବିଷ୍ଣୁ ତେଜସେ
ଜଗତ ସବିତ୍ରେ ସୂଚୟେ ସବିତ୍ରେ କର୍ମ ଦାୟିନେ
ସୂର୍ଯ୍ୟ ସହସ୍ରାଂଶେ ତେଜୋରାଶେ ଜଗତ୍‌ପତେ।
ଅନୁକମ୍ପୟ ମାଂ ନିତ୍ୟଂ ଗୃହଣାର୍ଘ୍ୟଂ ନମୋଽସ୍ତୁତେ॥

ସକାଳୁ ସନ୍ଧ୍ୟାଯାଏଁ ସୂର୍ଯ୍ୟଙ୍କର ଏହି ଅବାସ୍ତବ ଗତି, ଆଲୋକ ଓ ତେଜଶକ୍ତି ଆଧାର ରୂପେ କାର୍ଯ୍ୟ କରି ଆସୁଛି। ଏଣୁ ସୂର୍ଯ୍ୟଙ୍କୁ ଏ ଜାତି ଆଦିମ ଯୁଗରୁ ସୂର୍ଯ୍ୟ ନାରାୟଣ ରୂପେ ପୂଜା କରି ଆସିଛି।

ସୂର୍ଯ୍ୟ ଉପାସନାରୁ ଧର୍ମର ଆଦ୍ୟ ଅଭିବ୍ୟକ୍ତି ଘଟିଛି ବୋଲି ମ୍ୟାକ୍‌ସ୍‌ମୁଲର କୁହନ୍ତି। ଅତୀତରେ ମିଶର ଜାପାନ ଓ ମେକ୍‌ସିକୋରେ ସୂର୍ଯ୍ୟଉପାସନାର ବିସ୍ତାର ଘଟିଥିଲା। ସେତେବେଳେ ସେ କେବଳ ଧର୍ମ ଦେବତା ନଥିଲେ, ଜ୍ୟୋତିର୍ବିଦ୍ୟା ଓ ଗଣିତ ବିଦ୍ୟାର ଥିଲେ ଆଧାର। ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରେ ମିଶରରେ ସୂର୍ଯ୍ୟ ଉପାସନାକୁ ଆଧାରକରି ଉନ୍ନତ ଧର୍ମ ପ୍ରଚଳନ ଥିଲା। ବୈଦିକ ଯୁଗରେ ସୂର୍ଯ୍ୟ ପ୍ରଧାନ ଆରାଧ୍ୟ ଦେବତା ଥିଲେ। ତାଙ୍କୁ ତ୍ରିକାଳ ସଂଧ୍ୟାରେ : ପ୍ରାତଃ, ମଧ୍ୟାହ୍ନ ଓ ସଂଧ୍ୟାରେ ଜଳ, ପୁଷ୍ପ ଏବଂ ଚନ୍ଦନ ଇତ୍ୟାଦି ଅର୍ଘ୍ୟ ପ୍ରଦାନ କରାଯାଉଥିଲା। ସକାଳ ସୂର୍ଯ୍ୟଙ୍କୁ ବ୍ରହ୍ମା, ମଧ୍ୟାହ୍ନ ସୂର୍ଯ୍ୟଙ୍କୁ ମହେଶ୍ୱର ଓ ସଂଧ୍ୟା ସୂର୍ଯ୍ୟଙ୍କୁ ବିଷ୍ଣୁ ରୂପେ ଅର୍ଥାତ୍ ସୃଷ୍ଟି ସଂହାର ଓ ପାଳନ କର୍ତ୍ତା ରୂପେ ବିଚାର କରାଯାଉଥିଲା।

ଉଦୟେ ବ୍ରହ୍ମଣୋପେତଂ, ମଧ୍ୟାହ୍ନେତୁ ମହେଶ୍ୱରମ୍।
ଅସ୍ତକାଳେ ଭବେତ ବିଷ୍ଣୁଃ ତ୍ରିମୂର୍ତ୍ତିଶ୍ଚ ଦିବାକରାଃ॥

ଏହା ଉପନିଷଦ କଥା। ପୁନଶ୍ଚ ସୂର୍ଯ୍ୟଙ୍କୁ ସ୍ମରଣ କରି ଗାୟତ୍ରୀ ମଧ୍ୟ ପାଠ କରାଯାଉଥିଲା। ପୁରାଣରୁ ଜଣାଯାଏ ଯେ ସୂର୍ଯ୍ୟଙ୍କ ଉପାସନାକରି ଯୁଧିଷ୍ଠିର ଏକ ପାତ୍ର ଲାଭ କରିଥିଲେ ଯେଉଁଥିରୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସେ ଦାନ କରୁଥିଲେ। ହର୍ଷବର୍ଦ୍ଧନଙ୍କ ସଭାକବି ମୟୂର ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଏକ ଶତକ ରଚନା କରି କୁଷ୍ଠ ରୋଗରୁ ମୁକ୍ତ ହୋଇଛନ୍ତି ବୋଲି କିମ୍ବଦନ୍ତୀ କୁହେ। ଭାରତରେ ସୂର୍ଯ୍ୟ ପୂଜା ପାରସ୍ୟରୁ ଆସିଥିବାର ଜଣାଯାଏ। ଏହା ପ୍ରଥମେ ଉତ୍ତର ଭାରତରେ ପ୍ରବେଶ କଲା ଏବଂ 'ମଗ' ନାମଧାରୀ ଏକ ଗୋଷ୍ଠୀ ଏହାର ପୁଷ୍ଠପୋଷକ ଥିଲେ । ପରେ ଭାରତୀୟ ହିନ୍ଦୁମାନେ ଏହାକୁ ଏକ ଭାରତୀୟ ଉପାସନା ପଦ୍ଧତି ରୂପେ ଗ୍ରହଣ କରି ନେଇଥିଲେ। ଏହି ମଗମାନେ ସୂର୍ଯ୍ୟ ମନ୍ଦିର ଓ ସୂର୍ଯ୍ୟ ବିଗ୍ରହମାନ ପ୍ରତିଷ୍ଠା କରିଥିଲେ। ଭବିଷ୍ୟ ପୁରାଣମତେ କୃଷ୍ଣଙ୍କ ପୁତ୍ର ଶାମ୍ବ, ଶକ ଦ୍ୱୀପରୁ (ଇରାନ୍ ବା ମୁଲତାନ) 'ମଗ' ନାମଧାରୀ ବ୍ରାହ୍ମଣମାନଙ୍କୁ ଆଣି କୋଣାର୍କ ଚନ୍ଦ୍ରଭାଗାରେ ସୂର୍ଯ୍ୟ ଉପାସନା ନିମନ୍ତେ ରଖାଇଥିଲେ। ଏକଥା ମଧ୍ୟ ବିହାରସ୍ଥ ଏକ ଶିଳାଲିପିରେ ଖୋଦିତ ହୋଇଛି। ଏବେ ମଧ୍ୟ ଏହି 'ମଗ' ନାମଧାରୀ ବ୍ରାହ୍ମଣମାନେ ରାଜପୁତନା ଓ ଉତ୍ତର ପ୍ରଦେଶରେ ଦେଖାଯାଆନ୍ତି। କୁଶାଣ ରାଜତ୍ୱ କାଳରେ ସୂର୍ଯ୍ୟ ଉପାସନା ଭାରତରେ ପ୍ରବେଶ କରିଥିବାର କେହି ମତ ଦିଅନ୍ତି। ହର୍ଷବର୍ଦ୍ଧନ ଏବଂ ତାଙ୍କ ପୂର୍ବ ତିନି ପୁରୁଷ : ପ୍ରଭାବର ବର୍ଦ୍ଧନ, ଆଦିତ୍ୟ ବର୍ଦ୍ଧନ ଏବଂ ରାଜ୍ୟ ବର୍ଦ୍ଧନ ପ୍ରଭୃତି ପରମ 'ଆଦିତ୍ୟ ଭକ୍ତ ଭାବେ' ଅଭିହିତ ହୋଇଥିବାର ଜଣାଯାଏ। 'ଆଦିତ୍ୟ' କହିଲେ ସୂର୍ଯ୍ୟ ଅର୍ଥାତ୍ ଏମାନେ ସୂର୍ଯ୍ୟ ଉପାସକ ଥିଲେ।

ଏଥିରୁ ଜଣାପଡ଼େ ଖ୍ରୀଷ୍ଟୀୟ ୬ଷ୍ଠ ଶତାବ୍ଦୀର ଏହା ରାଜଧର୍ମରେ ପରିଣତ ହୋଇଥାଇପାରେ। ଉତ୍ତର ଭାରତରେ ମଣ୍ଡସର, ଇନ୍ଦୋର, ମୁଲତାନ ଏବଂ କାଶ୍ମୀର ଓ ଗୋଆଲିଅରରେ ଯଥାକ୍ରମେ ୫ମ ଓ ୬ଷ୍ଠ ଶତାବ୍ଦୀରେ ସୂର୍ଯ୍ୟ ମନ୍ଦିରମାନ ଥିବାର ପ୍ରମାଣ ମିଳିଛି। ୧୧ଶ ଶତାବ୍ଦୀରେ ପାଟନା ଏବଂ ତ୍ରୟୋଦଶ ଶତାବ୍ଦୀରେ ଓଡ଼ିଶାରେ ସୂର୍ଯ୍ୟ ମନ୍ଦିରମାନ ନିର୍ମିତ ହୋଇଛି। ବ୍ରହ୍ମ ପୁରାଣରେ କୋଣାର୍କ କଥା ଏହିପରି ଲିପିବଦ୍ଧ ହୋଇଛି।

ଆସ୍ତେ ଯତ୍ର ସୂୟଂ ଦେବଃ ସହସ୍ରାଂଶୁ ଦିବାକର।
କୋଣାଦିତ୍ୟ ଇତି ଖ୍ୟାତୋ ଭୁକ୍ତି ମୁକ୍ତି ଫଳପ୍ରଦଃ।

ଓଡ଼ିଶାରେ ସୌର ଧର୍ମର ସ୍ୱତନ୍ତ୍ର ଗୋଷ୍ଠୀ ଥିବାର ଜଣାଯାଏ ନାହିଁ ଅଥଚ ସେ ଓଡ଼ିଶା ଧର୍ମଦେବତା, ପ୍ରତ୍ୟହ ତିନିଥର ତାଙ୍କୁ ତିଳତର୍ପଣ କରାଯାଏ ଏବଂ ତା' ସହିତ ଶ୍ରାଦ୍ଧ ଓ ଶୁଦ୍ଧିକ୍ରିୟାରେ ତାଙ୍କୁ ତିଳ ତର୍ପଣ କରାଯାଏ। ତାଙ୍କ ପାଇଁ ବିଭିନ୍ନ ବ୍ରତ : ରବିବାର ବ୍ରତ, ରବି ନାରାୟଣ ବ୍ରତ, ସମ୍ବର ଦଶମୀ ବ୍ରତ ଇତ୍ୟାଦି ପାଳିତ ହୁଏ। ଶାମ୍ବ ଦଶମୀ ସୂର୍ଯ୍ୟ ପୂଜାରେ ଓଡ଼ିଶାରେ ମୁଖ୍ୟ ପର୍ବ। ଏହିଦିନ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ସକାଳେ ପିଠା, ମଧ୍ୟାହ୍ନରେ ଘଡ଼ଘଡ଼ିଆ ତରକାରୀ ଏବଂ ସଂଧ୍ୟାରେ ମିଷ୍ଟାନ୍ନ ସମର୍ପଣ କରାଯାଏ।

ଶାମ୍ବ ପୁରାଣରେ ଶାମ୍ବ ଉପଖ୍ୟାନରେ କୋଣାର୍କର ସୂର୍ଯ୍ୟ ମନ୍ଦିର ଓ ସୂର୍ଯ୍ୟଙ୍କ ପୂଜାପଦ୍ଧତି ବିଷୟରେ ବର୍ଣ୍ଣିତ ହୋଇଛି। ଏହିମତେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ପିତାଙ୍କ ଅଭିଷାପରୁ କୁଷ୍ଠ ରୋଗରୁ ମୁକ୍ତି ଲାଭ ନିମନ୍ତେ ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ମୈତ୍ରେୟ ବନରେ ଚନ୍ଦ୍ରଭାଗା ନଦୀ କୂଳରେ ସୂର୍ଯ୍ୟ ଉପାସନା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ନାରଦ କହିଲେ ଶାମ୍ବ ଚାଲ ଏହି କ୍ଷଣ,
ଚନ୍ଦ୍ରଭାଗା କୂଳେ ସେବ ସୂର୍ଯ୍ୟ ନାରାୟଣ।

ଶାମ୍ବ ତାହାହିଁ କଲେ। ଏଥିରେ ସୂର୍ଯ୍ୟ ଦେବତା ସନ୍ତୁଷ୍ଟ ହୋଇ କହିଲେ: ଆଜିଠାରୁ ମର୍ତ୍ତ୍ୟଲୋକରେ ଯେ ମୋ ମନ୍ଦିର ନିର୍ମାଣ କରି କ୍ଷେତ୍ରସ୍ଥାପନ କରିବ, ସେ ସନାତନ ଲୋକ ପ୍ରାପ୍ତହେବ।

ତା'ପରଦିନ ଶାମ୍ବ ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ କରୁଥିବା ସମୟରେ ନଦୀଗର୍ଭରୁ ଏକ ମଣି ବିଗ୍ରହ ପାଇଲେ। ଏହାଥିଲା ସୂର୍ଯ୍ୟଙ୍କର ଏ ଦ୍ୱିଭୁଜ ପଦ୍ମଲାଞ୍ଛିତ ପ୍ରତିମା। ସେ ଚନ୍ଦ୍ରଭାଗା ନଦୀ କୂଳରେ ମନ୍ଦିରଟିଏ ନିର୍ମାଣ କରି ତାଙ୍କୁ ସ୍ଥାପନ କଲେ।

ପ୍ରାସାଦଂ କାରୟିତ୍ୱାଚ ସ୍ଥାପୟିତ୍ୱ
ସତ୍ୱରଃ ପୂଜାୟିତ୍ୱା ଚ ବିଧିବତ୍ ଭଦ୍ରଶ୍ୟାନତ୍ୱା ପରତପଃ।

ଏହା ବୋଧହୁଏ ମର୍ତ୍ତ୍ୟଲୋକରେ ସୂର୍ଯ୍ୟଙ୍କର ମୂର୍ତ୍ତି ପୂଜାର ପ୍ରଥମ କାହାଣୀ। ଏହି ଦିନଟି ଥିଲା ପୌଷ ଶୁକ୍ଳ ଦଶମୀ ଯାହାକି ଶାମ୍ବ ଦଶମୀ ନାମରେ ପରିଚିତ। ସେବେଠୁ ପ୍ରତିବର୍ଷ ବୋଧହୁଏ ଏହିଠାରେ ଭାରତୀୟ ନରନାରୀଙ୍କ ଦ୍ୱାରା ସୂର୍ଯ୍ୟ ପୂଜା ହୋଇଆସୁଛି।

ସୂର୍ଯ୍ୟ ପୂଜାର ପ୍ରଚାର ଓ ପ୍ରସାର ନିମନ୍ତେ ଶାମ୍ବ ଓଡ଼ିଶାର ପ୍ରଥମଟି ଚନ୍ଦ୍ରଭାଗା ନଦୀକୂଳରେ, ୨ୟଟି ଯମୁନା ନଦୀ ଏବଂ ତୃତୀୟ ପଞ୍ଜାବର ଚେନାମ ନଦୀ (ମୂଳତାନ, ପାକିସ୍ତାନ) କୂଳରେ ସୂର୍ଯ୍ୟ ମନ୍ଦିରମାନ ନିର୍ମାଣ କରିଥିଲେ। ଏହି କ୍ରମରେ ଭାରତରେ ସୌରଧର୍ମ ଓ ପୂଜାର କ୍ରମଶଃ ପ୍ରସାର ହେଲା। ଆମ ଓଡ଼ିଶାରେ ଭଦ୍ରକର ପାଳିଆ ସୂର୍ଯ୍ୟ ମନ୍ଦିର, ଭୁବନେଶ୍ୱର ଖଣ୍ଡିଗିରର ଅନ୍ତ ଗୁମ୍ଫା ଖୋଦିତ ସୂର୍ଯ୍ୟମୂର୍ତ୍ତି ଏବଂ ମୟୁରଭଞ୍ଜର ଖିଚିଂ ଇତ୍ୟାଦି ସୂର୍ଯ୍ୟ ମୂର୍ତ୍ତିମାନ ଉଲ୍ଲେଖନୀୟ।

ଅନେକ ମନ୍ଦିରରେ ସୂର୍ଯ୍ୟ ଦିଗପାଳ ରୂପେ ଖୋଦିତ। ଯଥା ବୋଇତାଳ ମନ୍ଦିର ଏବଂ ଚଉରାଶୀ ବରାହୀ ମନ୍ଦିର ଇତ୍ୟାଦି।

ସୂର୍ଯ୍ୟ ଓଁ କାର ରୂପେ ଭାରତୀୟ ଧର୍ମ ଗୋଷ୍ଠୀରେ ବିଦ୍ୟମାନ ଓ ପୂଜିତ। ମୂର୍ତ୍ତିପୂଜା ବିରୋଧି ଶିଖ, ଖ୍ର

ବିଦେଶ ମାଟି ଇଂଲଣ୍ଡର ବାଥ୍ ସହରରେ ପୂଜା ପାଇଲେ ଓଡିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରା

ଭୂବନେଶ୍ୱର: ସାତ ସମୁଦ୍ର ପାର ହୋଇ ବିଦେଶ ମାଟି ଇଂଲଣ୍ଡର ବାଥ୍ ସହରରେ ଓଡିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ମହାପ୍ରଭୁ ବିରାଜିତ ହୋଇ ସେ ଅଂଚଳର ହିନ୍ଦୁମାନଙ୍କ ଦ୍ୱାରା ପୂଜା ପାଇଲେ । ଏହା କେବଳ ଓଡିଶାର ଆଶିଷ ରାଜହଂସ ଓ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ସୁସ୍ମିତା ରାଜହଂସଙ୍କ ପାଇଁ ସମ୍ଭବ ହୋଇ ପାରିଛି । ଓଡିଶାର ଭୂବନେଶ୍ୱର ସହରର ଭାରତୀୟ ଶ୍ରୀମତୀ ସୁସ୍ମିତା ରାଜହଂସ ପ୍ରାୟ ୨୦ବର୍ଷ ହେବ ଯୁକ୍ତ ରାଜ୍ୟ ଇଂଲଣ୍ଡର ବାଥ୍ ସହରରେ ବସବାସ କରି ଆସୁଛନ୍ତି । ସେ ବାଥ୍ ସହରରେ କିମ୍ବା ଏହାର ଆଖପାଖ ଅଂଚଳରେ ରହୁଥିବା କିଛି ସମାନ ବିଚାରଧାରା ସମ୍ପନ୍ନ ହିନ୍ଦୁମାନଙ୍କ ଦ୍ୱାରା ପାଖାପାଖି ୧୭ବର୍ଷ ପୂର୍ବରୁ ଗଠିତ ହୋଇଥିବା ବାଥ୍ ହିନ୍ଦୁ ଗୋଷ୍ଠୀର ପ୍ରତିଷ୍ଠାତ୍ରୀମାନଙ୍କ ମଧ୍ୟରୁ ଜଣେ ସଦସ୍ୟା ଅଟନ୍ତି । ଏହି ସଙ୍ଗଠନ ହିନ୍ଦୁ ଧାର୍ମିକ ପ୍ରଥା ଏବଂ ବିଶ୍ୱାସଗୁଡିକୁ ପ୍ରୋତ୍ସାହନ ଦେବା ପାଇଁ ଆବଶ୍ୟକ ହେଉଥିବା ଉପଯୁକ୍ତ ମଂଚ ପ୍ରଦାନ କରି ଆସୁଛି । ଏହି ମଂଚ ସେଠାରେ ବସବାସ କରି ରହୁଥିବା ଭାରତୀୟମାନଙ୍କର ସାଂସ୍କୃତିକ ଭିତିଭୂମିର ସଂରକ୍ଷଣ ଏବଂ ଏହାର ଆଗାମୀ ପିଢୀ ପର୍ଯ୍ୟନ୍ତ ପହଁଚିବାର

ପଥ ସୁଗମ କରିବା ସହ ବିଭିନ୍ନ ଗୋଷ୍ଠୀରୁ ଆସୁଥିବା ହିନ୍ଦୁମାନଙ୍କୁ ଏହା ଔପଚାରିକ ଭାବେ ହିନ୍ଦୁଧର୍ମର ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପ୍ରଦାନ କରିଛି । ବାସ୍ତବରେ ଶ୍ରୀମତୀ ରାଜହଂସଙ୍କ ନେତୃତ୍ୱରେ ବାଥ୍ ହିନ୍ଦୁ ଗୋଷ୍ଠୀ କାହିଁ କେତେ ବର୍ଷ ହେବ ଏ କ୍ଷେତ୍ରରେ ଏଠାରେ ଏକ ହିନ୍ଦୁ ମନ୍ଦିର ସ୍ଥାପନା କରିବା ପାଇଁ ଆପ୍ରାଣ ଉଦ୍ୟମ କରି ଆସୁଅଛି । ଶ୍ରୀମତୀ ରାଜହଂସ ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଇଂଲଣ୍ଡର ବାଥ୍ ସହରରେ ବାଥ୍ ହିନ୍ଦୁ ଗୋଷ୍ଠୀ ନାମକ ଏକ ସଙ୍ଗଠନ ଗଢି ଏହି ସଙ୍ଗଠନ (କେବଳ ହିନ୍ଦୁ ଓ ସେମାନଙ୍କର ବ୍ୟାପକ ଗୋଷ୍ଠୀ) ମାଧ୍ୟମରେ ଦିପାବଳୀ, ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଗଣେଶ ପୂଜା ଏବଂ ମହାପ୍ରଭୁ ଶ୍ରୀଜଗନ୍ନଥଙ୍କ ରଥଯାତ୍ରା ଆଦି ପର୍ବପର୍ବାଣୀ ଆୟୋଜିତ କରିଛନ୍ତି । ଏବଂ ଏସବୁ ସାମାଜିକ ଧାର୍ମିକ କାର୍ଯ୍ୟକ୍ରମ ଓ ପର୍ବପର୍ବାଣୀ ପାଳନର ନେତୃତ୍ୱ ଶ୍ରୀମତୀ ରାଜହଂସ ମଧ୍ୟ ସ୍ୱୟଂ ନେଇଛନ୍ତି । ଏହା ସମସ୍ତ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ଇଂଲଣ୍ଡରେ ବସବାସ କରୁଥିବା ସମସ୍ତ ଓଡିଆଙ୍କ ସହ ଶ୍ରୀମତୀ ରାଜହଂସ ଓ ତାଙ୍କ ପତି ଶ୍ରୀ ଆଶିଷ ରାଜହଂସଙ୍କୁ ଅଶେଷ ଅଶେଷ ଧନ୍ୟବାଦ । ଏହି ଓଡିଆ ଦମ୍ପତିଙ୍କ ଆପ୍ରାଣ ଉଦ୍ୟମ ଯୋଗୁଁ ମହାପ୍ରଭୁ ସୁଦୂର ବିଦେଶରେ ପୂଜା ପାଇ ଆସୁଛନ୍ତି । ଅନ୍ୟ ପକ୍ଷରେ କହିବାକୁ ଗଲେ ଏହି ବାଥ୍ ସହରରେ ଯେଉଁସବୁ ପର୍ବପର୍ବାଣୀ ବାଥ୍ ହିନ୍ଦୁ ଗୋଷ୍ଠୀ ସଙ୍ଗଠନ ମାଧ୍ୟମରେ ପାଳନ କରାଯାଏ, ଏଥିରେ ସମଗ୍ର ବ୍ରିଟେନ୍‌ର ଶ୍ରଦ୍ଧାଳୁ ଭକ୍ତମାନେ ସାମିଲ୍ ହୋଇଥା'ନ୍ତି । ବସ୍ତୁତଃ ଏବେ ମହାମାରୀ କୋଭିଡ୍-୧୯ ସମୟରେ ଆୟୋଜିତ ହୋଇଥିବା ଭର୍ଚୁଆଲ୍ କାର୍ଯ୍ୟକ୍ରମ ସ୍ଥାନୀୟ ତଥା ବିଶ୍ୱସ୍ତରରେ ୩୦ରୁ ଅଧିକ ଦେଶର ଶ୍ରଦ୍ଧାଳୁ ଭକ୍ତମାନେ ଯୋଗ ଦେଇଥିଲେ , ଯାହା ଏହି ଭର୍ଚୁଆଲ୍ କାର୍ଯ୍ୟକ୍ରମକୁ ସଫଳତା ପ୍ରଦାନ କରିଥିଲା । ଏହିସବୁ ପର୍ବପର୍ବାଣୀ, ଗତିବିଧି ଏବଂ ପ୍ରବଚନ ଆଦି ହିନ୍ଦୁ ଜୀବନ ଶୈଳୀ କାର୍ଯ୍ୟକ୍ରମ(ବ୍ୟାପକ ଗୋଷ୍ଠୀ ଦ୍ୱାରା)ଗୁଡିକୁ ବହୁତ ଭଲ ଭାବେ ହୃଦୟଙ୍ଗମ କରିବା ଦ୍ୱାରା ଏହା ଆମକୁ ଗୋଷ୍ଠୀଗତ ଏକତା ଆଡକୁ ଅଗ୍ରସର ହେବାରେ ସକ୍ଷମ କରାଇ ପାରିଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଶ୍ରୀମତୀ ରାଜହଂସ ଭାରତରେ ନ୍ତଆଶ୍ରୟ ହୋପ୍ ଫାଉଣ୍ଡେସନ୍‌ନ୍ତର ମଧ୍ୟ ଜଣେ ପ୍ରତିଷ୍ଠାତ୍ରୀ ଅଟନ୍ତି । ଏବଂ ସେ ବହୁତ ବର୍ଷ ହେବ ଉଭୟ ଇଂଲଣ୍ଡ ଏବଂ ଭାରତରେ ଏକ ସାମାଜିକ କର୍ମୀ ଭାବେ ଅନେକ ଗୁଡିଏ ସ୍ୱେଚ୍ଛାକୃତ ଧାର୍ମିକ କାର୍ଯ୍ୟକ୍ରମମାନ ଆୟୋଜନ କରିବା ସହ ଏହାର ନେତୃତ୍ୱ ମଧ୍ୟ ନେଇ ଆସୁଛନ୍ତି । ଏପରି ସ୍ୱେଚ୍ଛାକୃତ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସେ ବିଭିନ୍ନ ପ୍ରକାର ଧନ ଉପାର୍ଜିତ ହେଉଥିବା କାର୍ଯ୍ୟକ୍ରମ ଗୁଡିକ ଅଧିକରୁ ଅଧିକ ଆୟୋଜନ କରିବା ସହ ନିଜେ ଏସବୁର ନେତୃତ୍ୱ ମଧ୍ୟ ନେଇଥା'ନ୍ତି । ବିଦେଶ ମାଟି ଇଂଲଣ୍ଡର ବାଥ୍ ସହରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ପ୍ରଥମ ଭବ୍ୟ ମନ୍ଦିର ସ୍ଥାପିତ କରିବା ଅନୁଷ୍ଠାନ ପାଇଁ ଏକ ଆରମ୍ଭିକ ଅଟେ । ଶ୍ରୀମତୀ ରାଜହଂସଙ୍କ ଦୃଢ ବିଶ୍ୱାସ ଯେ, ବିଶ୍ୱାସ, ମାନବିକତା ପାଇଁ ଏହି କଠିନ ସମୟରେ ଅତ୍ୟନ୍ତ ଆବଶ୍ୟକ ହୋଇଥାଏ ଏବଂ ବିରାମ ପ୍ରଦାନ କରିଥାଏ । ସେ ଏହି ପବିତ୍ର ସୂତ୍ରପାତର ପ୍ରତିଷ୍ଠାତ୍ରୀ ସଦସ୍ୟା ହୋଇଥିବାରୁ ନିଜକୁ ଧନ୍ୟ ଓ ସୌଭାଗ୍ୟଶାଳୀ ବୋଲି ମନେ କରନ୍ତି । ଏତଦ୍ ଭିନ୍ନ ଶ୍ରୀମତୀ ରାଜହଂସ ନ୍ତଓଡିଶା ସୋସାଇଟି ଅଫ୍ ୟୁକେ-୨୦୨୦ନ୍ତର ବାର୍ଷିକ ସମ୍ମିଳନୀର ଆୟୋଜକ ସଚିବମାନଙ୍କ ଭିତରେ ଜଣେ ଥିଲେ । ଯାହାକି ବାସ୍ତବରେ ବାଥ୍ ସହରରେ ଆୟୋଜିତ ହେବାକୁ ଥିଲା, କିନ୍ତୁ ସମ୍ପ୍ରତି କରୋନା ମହାମାରୀ ପାଇଁ ଏହା ଭର୍ଚୁଆଲରେ ଆୟୋଜିତ ହୋଇଥିଲା । ନ୍ତମାନବତାର ମନପ୍ରାଣ ଦେଇ ସେବା କରିବାର ଏକ ଅପୂର୍ବ ସୁଯୋଗ ହିଁ ଏକ ପୂର୍ଣ୍ଣାଙ୍ଗ ଜୀବନନ୍ତ !!!

୫୨ତମ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମ : ଓଡ଼ିଶାର ମନ୍ଦିର ସ୍ଥାପତ୍ୟ କଳା ଉପରେ ଅଧିକ ଗବେଷଣା ଲୋଡ଼ା: ବିଷ୍ଣୁପଦ ସେଠୀ

ଭୁବନେଶ୍ୱର: ଓଡ଼ିଶାର ମନ୍ଦିର ଶିଳ୍ପ କଳା ଅନନ୍ୟ । ଏହା କେବଳ ଆଧ୍ୟାତ୍ମିକ କ୍ଷେତ୍ରରେ ମାନବସମାଜକୁ ମାର୍ଗଦର୍ଶନ ଦେଇନାହିଁ, ବରଂ ସାମାଜିକ ସମରସତା, ରାଜ୍ୟ ଶାସନ ପଦ୍ଧତି, ଉତ୍କୃଷ୍ଟ ବିଜ୍ଞାନ ଓ କାରିଗରୀ କୌଶଳ, ପରିବେଶ ସୁରକ୍ଷା, ପ୍ରଜାନୁରଞ୍ଜକ ଶାସକଙ୍କ ଜନମଙ୍ଗଳ କାର୍ଯ୍ୟ, ବାଣିଜ୍ୟବ୍ୟବସାୟ ସଂପର୍କିତ ତଥ୍ୟରାଜି ଉପରେ ବିଶେଷ ଆଲୋକପାତ କରିଆସିଛି । ଏହି ଦୃଷ୍ଟିରୁ ଇତିହାସର ପୁନଃନିର୍ମାଣ ନିମନ୍ତେ ମନ୍ଦିର ସ୍ଥାପତ୍ୟକଳା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମତ ପ୍ରଦାନ କରିଛନ୍ତି ।ଆଜି ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଅଭିଲେଖାଗାର ପକ୍ଷରୁ ଅନୁଷ୍ଠିତ ୫୨ତମ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମର ଆଭାସୀ ଅଧିବେଶନରେ ଶ୍ରୀ ସେଠୀ କହିଛନ୍ତି ଯେ ମଣିଷର ସୌନ୍ଦର୍ଯ୍ୟ ସ୍ପୃହାରୁ ଶିଳ୍ପକଳାର ସୃଷ୍ଟି ହୋଇଛି । ଷଷ୍ଠରୁ ନବମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ମନ୍ଦିର ନିର୍ମାଣର ପ୍ରଥମ ଧାରା ଆରମ୍ଭ ହୋଇଥିବାବେଳେ ପରବର୍ତୀ ସମୟରେ ଏହା ଆଦୃତ ହୋଇଛି । କଳିଙ୍ଗ ମନ୍ଦିର ସ୍ଥାପତ୍ୟ ଶୈଳୀ ସମଗ୍ର ବିଶ୍ୱରେ ଗବେ ଷଣାର ବିଷୟ ହୋଇ ରହିଛି ବୋଲି ଶ୍ରୀ ସେଠୀ ପ୍ରକାଶ କରିଛନ୍ତି ।କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପ୍ରଫେସର ସଂଜୟ ଆଚାର୍ଯ୍ୟ ନାଗରା, ଦ୍ରାବିଡ ଓ ବେସର ମନ୍ଦିର ଶୈଳୀ ସହିତ କଳିଙ୍ଗ ଶୈଳୀର ସାମଂଜସ୍ୟ ଉପରେ ଆଲୋକପାତ କରିଥିଲେ। ସେ ଓଡ଼ିଶାର ମନ୍ଦିର ଶୈଳୀକୁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରି ସ୍ଥାପତ୍ୟକଳାର କ୍ରମବିକାଶକୁ ଉପସ୍ଥାପନ କରିଥିଲେ । ରାଜ୍ୟରେ ରହିଥିବା ଅନେକ ମନ୍ଦିର ମଧ୍ୟରୁ କେତେକର ରକ୍ଷଣାବେକ୍ଷଣ ହୋଇପାରିଥିବାବେଳେ ଅନ୍ୟଗୁଡ଼ିକର ଅବକ୍ଷୟ ଉପରେ ଉଲ୍ଲେଖ କରିଥିଲେ । ମନ୍ଦିର ମୂର୍ତିକଳା ଆମ ଅତୀତର ନୌବାଣିଜ୍ୟ, ରୀତିନୀତି, ଜୀବନଶୈଳୀ ଓ ସଂସ୍କୃତିକୁ ଚିତ୍ରିତ କରିଛି ବୋଲି ସେ ପ୍ରକାଶ କରିଥିଲେ ।ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ଯେ ଆଦିକାଳରୁ ମାନବ ଜାତି ଈଶ୍ୱର ବା ଠାକୁରଙ୍କ ଉପରେ ଅମାପ ବିଶ୍ୱାସ ସ୍ଥାପନ କରି ଉପାସନା ପୀଠ ବା ମନ୍ଦିରର ଆରମ୍ଭ କରିଥିବାବେଳେ ତା'ର ସ୍ଥାପତ୍ୟ ଶୈଳୀ ଉପରେ ସମୟକ୍ରମେ ନିଜର ପ୍ରତିଭା ଓ ଦକ୍ଷତାକୁ ପ୍ରତିପାଦିତ କରିଛି । ଆମ ଇତିହାସ ଓ ସଂସ୍କୃତିର ବଳିଷ୍ଠ ଉପାଦାନ ଭାବରେ ପ୍ରତିଷ୍ଠିତ ମନ୍ଦିର ସ୍ଥାପତ୍ୟର ଗବେଷଣା, ଅଧ୍ୟୟନ, ସଂଗ୍ରହଣ ଓ ପ୍ରସାର ଉପରେ ଶ୍ରୀ ଦାସ ଗୁରୁତ୍ୱ ଦେଇଥିଲେ ।କାର୍ଯ୍ୟକ୍ରମ ଆରମ୍ଭରେ ରାଜ୍ୟ ଅଭିଲେଖାଗାରର ଅଧ୍ୟକ୍ଷକ ଡ. ଶେଖ୍ ସୋଲେମାନ୍ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିଲେ ଓ ବୈଷୟିକ ସହାୟକ ଉପେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଶ୍ରୀଜଗନ୍ନାଥ ଓ ରଥଯାତ୍ରା ଶୀର୍ଷକ ଚିତ୍ରକଳା ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର: ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଭର୍ଚୁଆଲ ମାଧ୍ୟମରେ 'ଶ୍ରୀଜଗନ୍ନାଥ ଓ ରଥଯାତ୍ରା' ଶୀର୍ଷକ ଏକ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଚିତ୍ରକଳା ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ଶିବିର ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବ ଓ ଅଂଶଗ୍ରହଣ କରିଥିବା ଶିଳ୍ପୀମାନେ ନିଜ ନିଜ ଘରେ ରହି ଚିତ୍ର ଅଙ୍କନ କରିବେ ।ଏହାକୁ ଉଦ୍‌ଘାଟନ କରି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀକହିଲେ ଯେ ଚଳିତ ବିଶ୍ୱ ମହାମାରୀ କୋଭିଡ୍-୧୯ ସମୟରେ ଓଡ଼ିଶାର ଚିତ୍ରକଳା ଓ ଭାସ୍କର୍ଯ୍ୟ ଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମତେ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆଦେଶାନୁସାରେ ଓଡ଼ିଶା ଲଳିତ କଳା ଏକାଡେମୀ କୋଭିଡ୍-୧୯ ନିୟମକୁ ପାଳନ କରି ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ ଜାରି ରଖିବା ପ୍ରଶଂସନୀୟ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ । ଗତ ଜୁନ୍ ମାସ ୮ ତାରିଖରେ ପୁରୀ ଜିଲ୍ଲା ରଘୁରାଜପୁର ଗ୍ରାମରେ ୧୫୦ଟି ଶିଳ୍ପୀ ପରିବାରଙ୍କୁ ନେଇ ଏକ ଭିତିଚିତ୍ର ଶିବିର ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଆୟୋଜନ କରାଯାଇଥିଲା । ଯାହାକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିବା ପ୍ରକାଶ କରିଥିଲେ । ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ ଓଡ଼ିଶାର ଶିଳ୍ପୀମାନେ ଘରେ ରହି ଚିତ୍ରକଳା କରିବା ପାଇଁ ଉତ୍ସାହିତ ହୋଇ ରଥଯାତ୍ରା ଅବସରରେ 'ଶ୍ରୀଜଗନ୍ନାଥ ଓ ରଥଯାତ୍ରା' ଶୀର୍ଷକ ବିଷୟ ବସ୍ତୁ ଆଧାରିତ ଚିତ୍ରକଳା ଓ ଭାସ୍କର୍ଯ୍ୟ କଳାକୃତିଗୁଡ଼ିକୁ ଭର୍ଚୁଆଲ ପ୍ରଦର୍ଶନୀ ମାଧ୍ୟମରେ ସର୍ବଜନାଦୃତ କରିବା ଲକ୍ଷ୍ୟରେ ଓଡ଼ିଶା ଲଳିତକଳା ଏକାଡେମୀର ନିଆରା ଉଦ୍ୟମ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ ।ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ଏହି ଅବସରରେ କହିଥିଲେ ଯେ ଓଡ଼ିଶାର ଲୋକମାନେଆଗରୁ ନଅଙ୍କ ଦୁର୍ଭିକ୍ଷ ପରି କରାଳ ମହାମାରୀକୁ ଜୟ କରିଛନ୍ତି । ଚଳିତ ବିଶ୍ୱ ମହାମାରୀ କୋଭିଡ୍-୧୯ ସମୟରେ ମଧ୍ୟ ଘରେ ରହି ଏହି ସ୍ୱତନ୍ତ୍ର ଚିତ୍ରକଳା ଶିବିରରେ ଯୋଗଦାନ କରି ଉକ୍ତ କାର୍ଯ୍ୟକ୍ରମକୁ ଦୃଢ଼ ମନୋବଳ ସହକାରେ ସଫଳ କରି ଚିତ୍ରଶିଳ୍ପୀଗଣ ଜୟ ଲାଭ କରିପାରିବେ ।କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ଜଗତର ନାଥ ଜଗନ୍ନାଥଙ୍କ କୃପା ଭିକ୍ଷା କରି ଶିଳ୍ପୀ ପରିବାରର ଶୁଭକାମନା କରିଥିଲେ ।ଏକାଡେମୀର ସଭାପତି, ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ବାଲୁକାଶିଳ୍ପୀ ପଦ୍ମଶ୍ରୀ ଡ. ସୁଦର୍ଶନ ପଟ୍ଟନାୟକ ତାଙ୍କ ଭାଷଣରେ ଶିବିରର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ ।ପ୍ରାରମ୍ଭରେ ଏକାଡେମୀର ସଚିବ ପଂଚାନନ ସାମଲ ସ୍ୱାଗତ ଭାଷଣ ଦେବା ସହ ୬୬୮ ଜଣ ଶିଳ୍ପୀ ଉକ୍ତ ଶିବିରରେ ଭାଗ ନେବା ପାଇଁ ଆବେଦନ କରିଥିବା ପ୍ରକାଶ କରିଥିଲେ । ଏକ ବିଶେଷଜ୍ଞ କମିଟି ଦ୍ୱାରା ତନଖି କରାଯାଇ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୧୦୦ ଜଣ ଶିଳ୍ପୀଙ୍କୁ ଭାଗନେବା ପାଇଁ ମନୋନୀତ କରାଯାଇଛି । ଅଂଶଗ୍ରହଣ କରିଥିବା ଶିଳ୍ପୀମାନେ ତାଙ୍କର କଳାକୃତିକୁ ଏକାଡେମୀକୁ ପଠାଇବେ ଏବଂ ଏକାଡେମୀ ତରଫରୁ ପ୍ରତ୍ୟେକ ଶିଳ୍ପୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ମାନଦେୟ ରାଶି ପ୍ରଦାନ କରାଯିବ ବୋଲି ଜଣାଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ଉପସଭାପତି ଶ୍ରୀ ଶ୍ରୀନିବାସ ପଢ଼ିହାରୀ ଉକ୍ତ ସଭାରେ ଯୋଗଦାନ କରି ଚିତ୍ରଶିଳ୍ପୀଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ । ସର୍ବଶେଷରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ଏକାଡେମୀର ଓଏସ୍‌ଡି ମନସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପାଂଚ ବର୍ଷ ଧରି ଝୁଲି ରହିଛି : ୧୭କିମି ବଡବିଲ-ବାଂଶପାଣି ସଂଯୋଗୀକରଣ ରେଳପଥ

ବଡବିଲ : ଓଡିଶା ରେଳ ଭିତିଭୂମୀ ବିକାଶ ନିଗମ (ଓରିଡିଲ) ରେ ଅର୍ନ୍ତଭୂକ୍ତ କରାଯାଇଥିବା ୬ ଗୋଟି ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ ପ୍ରକଳ୍ପ ଭିତରେ ରହିଛି ଲୌହଖଣି ଅଂଚଳରେ ଥିବା ଦୁଇ ଯମଜ ସହର ବଡବିଲ ଓ ବାଂଶପାଣି (ଜୋଡା) ମଧ୍ୟରେ ୧୭କିମିର ରେଳ ସଂଯୋଗୀ କରଣ ପ୍ରକଳ୍ପ । ତେବେ ଏଥରକ ବଜେଟରେ ଏହାକିପରି କାର୍ଯ୍ୟକାରୀ କରାଯିବ ତାହାପାଂଇ କୌଣସି ପ୍ରାବଧାନ କରାଯିବ କି ନଯିବ ତାହା ସମଗ୍ର ଖଣି ଅଂଚଳବାସୀ ଚାତକ ପରି ଅନାଇ ବସିଛନ୍ତି । ନୂତନ ଭାବେ ବଡବିଲ ଠାରୁ କିରିବୁରୁ ପର୍ଯ୍ୟନ୍ତ ୨୪.୫ କିମିର ୭୦୫.୧୫ କୋଟି ଟଙ୍କାର ପ୍ରକଳ୍ପ ଗତ ଥରକ ବଜେଟରେ ସାମିଲ କରାଯାଇଥିଲେ ମଧ୍ୟ ଏହା ଏ ଅଂଚଳର ସମସ୍ତ ଜନସାଧାରଣଙ୍କୁ ଉତ୍ସାହିତ କରିପାରି ନାହିଁ । ଯମଜ ସହରର ବଡବିଲ ଷ୍ଟେସନ ଦ.ପୂ. ରେଳବାଇ ଅଧିନରେ ରହିଥିବା ବେଳେ ବାଂଶପାଣି (ଜୋଡା) ଷ୍ଟେସନ ରହିଛି ପୂର୍ବ ତଟ ରେଳବାଇ ଅଧିନରେ । ସିଧାସଳଖ ରେଳ ସଂଯୋଗ ନଥିବାରୁ ମାତ୍ର ୧୭ କିମି ରାସ୍ତାକୁ ଅଧିକ ୭୦ କିମି ର ବୁଲାଣି ରାସ୍ତା ଦେଇ ଉତର ଓଡିଶାର ଏହି ଦୁଇ ରେଳ ଷ୍ଟେସନ ମଧ୍ୟରେ ଯିବା ଆସିବା ପାଂଇ ପୁରୀରୁ ଆସୁଥିବା ଇଂଟରସିଟି ଏକ୍ସପ୍ରେସକୁ ପ୍ରାୟ ୫ଘଂଟା ଅଧିକ ସମୟ ଲାଗୁଛି । ପ୍ରଥମତ ଓଡିଶାର ସମଗ୍ର ଅଂଚଳ ପୂର୍ବତଟ ରେଳବାଇ ଅଧିନରେ ଥିବାବେଳେ ସର୍ବାଧିକ କାର୍ଗୋ ରାଜସ୍ୱ ଦେଉଥିବା ବଡବିଲ ଷ୍ଟେସନ ଅଂଚଳକୁ ଆଶ୍ଚର୍ଯ୍ୟ ଜନକ ଭାବେ ଓଡିଶାର ମୂଖ୍ୟ ରେଳ ନେଟଓର୍ଗାକ ଠାରୁ ଅଲଗା କରି ରଖିବା ଆଦୌ ଉଚିତ ନୁହେଁ ବୋଲି ବଡବିଲ ବିକାଶ ପରିଷଦ ଆବାହକ ଇନ୍ଦ୍ରମଣୀ ବେହେରା ଅଭିଯୋଗ

କରିଛନ୍ତି । ରାଜ୍ୟ ସରକାର ରେଳ ଭିତିଭୂମୀ ର ବିକାଶପାଂଇ ଖଣିବ୍ୟବସାୟର ଫେଂଠସ୍ଥଳୀ ବଡବିଲ ସହିତ ରାଜ୍ୟର ରାଜଧାନୀ ତଥା ସଂସ୍କୃତି ଗଢ ଗୁଡିକ ସହିତ ସିଧାସଳଖ ରେଳ ସଂଯୋଗ ପାଂଇ ବଡବିଲ-ବାଂଶପାଣି ରେଳ ପ୍ରକଳ୍ପକୁ ଓଡିଶା ରେଳ ଭିତିଭୂମୀ ବିକାଶ ନିଗମ (ଓରିଡିଲ) ରେ ଅର୍ନ୍ତଭୂକ୍ତ କରିଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାପାଂଇ ଏକ ଏସିଭିପି ଗଠନ କରି ପାରି ନାହାନ୍ତି । ବଡବିଲ ବିକାଶ ପରିଷଦ ପକ୍ଷରୁ ୨୦୧୬-୧୭ ରେଳପିଙ୍କବୁକରେ ଅର୍ନ୍ତଭୂକ୍ତ ଥିବା ଏହି ପ୍ରକଳ୍ପ ପାଂଇ ଦାବୀପତ୍ର ମାନ ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ପ୍ରଦାନ କରାଯାଇ ଆସୁଅଛି । ଭାରତବର୍ଷର ବିକାଶ ପାଂଇ ବଡବିଲ-ଜୋଡା ଖଣି ମଣ୍ଡଳ କୋଟି କୋଟି ଟଙ୍କାର ବିଭିନ୍ନ ପ୍

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Friday July 02, 2021 | ଭୁବନେଶ୍ୱର ଶୁକ୍ରବାର, ଜୁଲାଇ ୦୨,୨୦୨୧ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ହୋଣ୍ଡା ଇଣ୍ଡିଆ ପାୱାର୍ ପ୍ରଡକ୍ଟସ ପକ୍ଷରୁ ଶକ୍ତିଶାଳୀ ୫.୫ ଏଚ୍‌ପି ପାୱାର ଟିଲରର ବଜାର ପ୍ରବେଶ

ନୂଆଦିଲ୍ଲୀ: ଭାରତରେ ପାୱାର୍ ଉତ୍ପାଦର ଅଗ୍ରଣୀ ଉତ୍ପାଦନକାରୀ ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟ ଲିମିଟେଡ କୃଷକମାନଙ୍କ ବହୁବିଧ ଆବଶ୍ୟକତାକୁ ପୂରଣ ଲାଗି ଏହାର ନୂଆ କମ୍ପାକ୍ଟ ପାୱାର ଟିଲର ଏଫ୍‌କ୍ୟୁ-୬୫୦ର ବଜାର ପ୍ରବେଶ କରାଯାଇଛି । ପରିବା, ସ୍ପାଇସେସ୍, ହର୍ଟିକଲଚର, କ୍ୟାସ୍ କ୍ରପ୍, ଓରଚିଡ୍ ଏବଂ ନର୍ସରି ସହିତ ସମ୍ପୃକ୍ତ ଥିବା ଚାଷୀ ମାନଙ୍କ ପାଇଁ ଏହା ଉପଯୋଗୀ ସାବ୍ୟସ୍ତ ହେବ । ଏହାଦ୍ୱାରା ମାଟି ଭଙ୍ଗା, ମାଟିଗୁଣ୍ଡ, ଖୁସା କାମ, ହୁଡାଦେବା, ଅନାବନା ଗଛ ବାଛିବା ଆଦି ସହଜରେ କରାଯାଇ ପାରିବ । ଏଥିରେ ୪-ଷ୍ଟ୍ରୋକ୍ ଜ୍ଞାନକୌଶଳ ରହିଛି । ଏହାର ପ୍ରିମିୟମ୍ ମଡେଲ ଏଫ୍‌ଜେ-୫୦୦ ଏବଂ କମ୍ପାକ୍ଟ ମଡେଲ ଏଫ୍-୩୦୦ ଗ୍ୟାସୋଲିନ୍ ଦ୍ୱାରା ପରିଚାଳିତ ହୋଇଥାଏ । ଏଫ୍‌କ୍ୟୁ-୬୫୦ ଭାରତୀୟ ଚାଷୀଙ୍କ ବହୁବିଧ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ । ଏଫ୍‌କ୍ୟୁ-୬୫୦ରେ ଜିପି-୨୦୦ ଏଚ୍ ଇନ୍ ରହିଛି । ଏହା ୫.୫ ଏଚ୍‌ପି ପାୱାର ସୃଷ୍ଟି କରିଥାଏ । ଏହାର ସର୍ବାଧିକ ଟର୍କ ୧୨.୪ ଏନ୍‌ଏମ୍, ୨୫୦୦ ଆର୍‌ପିଏମ୍, ଟିଲିଂ ୱାଇଡଥ୍ ୯୦୦ ଏମ୍‌ଏମ୍, ୩୦୦ ଏମ୍‌ଏମ୍ ଟାଇନ ଡାଏ ରହିଛି । ଏହାର ଓଜନ ୬୫.୨ କିଲୋଗ୍ରାମ୍ ରହିଛି ।ଏହି ଅବସରରେ ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟ ଲିମିଟେଡରେ ବିକ୍ରି, ମାର୍କେଟିଂ ଏବଂ ସର୍ଭିସର ମୁଖ୍ୟ ତଥା ଉପସଭାପତି ଗଗନ ପାଲ କହିଲେ, ଭାରତୀୟ କୃଷକମାନେ କମ୍ପାନୀ ଉପରେ ଥିବା ସେମାନଙ୍କର ବିଶ୍ୱାସକୁ ଜାରି ରଖିଛନ୍ତି । ସେମାନଙ୍କ ପାଇଁ ଏଫ୍‌କ୍ୟୁ-୬୫୦ ପାୱାର ଟିଲର ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ । ଏହାଦ୍ୱାରା ସେମାନଙ୍କର କୃଷି ଉତ୍ପାଦନରେ ବୃଦ୍ଧି ଘଟିପାରିବ । ହୋଣ୍ଡାର ଏହି ପାୱାର ଟିଲର ଶକ୍ତିଶାଳୀ, ବ୍ୟବହାର କରିବାକୁ ସହଜ, ପକେଟକୁ ସୁହାଇଲାଭଳି । ଏହାକୁ ସଭିଏଁ ସହଜରେ ବ୍ୟବହାର କରିପାରିବେ । ଏଫ୍‌କ୍ୟୁ-୬୫୦କୁ ନେବା ଆଣିବା ସହଜ ଜନକ । ଏହା ଚାଷୀଙ୍କ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ ହୋଇପାରିବ । ଏଥିରେ ଥିବା ଯେଲୋ ରିଜର ପାଣି ନାଳ କରିବାକୁ ଉପଯୋଗୀ । ସେହିପରି ଏହାର ବ୍ରୁ ସ୍ପାଇରାଲ ଲମ୍ବା ଘାସ କାଟିବାରେ ସହାୟକ ହୋଇଥାଏ । ଏଫ୍‌କ୍ୟୁ-୬୫୦ ପାୱାର ଟିଲର ଦେଶର ୫୦୦ରୁ ଅଧିକ ହୋଣ୍ଡା ସ୍ୱୀକୃତି ପ୍ରାପ୍ତ ଡିଲରଶିପ୍ ଆଉଟ୍‌ଲେଟରେ ଉପଲବ୍ଧ ହେଉଛି । ଯୋଗାଯୋଗ ପାଇଁ କମ୍ପାନୀ ସହିତ ନିଶୁଳ୍କ ନମ୍ବର ୧୮୦୦-୧୧-୨୩୨୩ରେ କଲ୍ କରାଯାଇପାରେ ଅବା www.hondaindiapower.com ଏବଂ ଫେସବୁକ୍ ପେଜ୍ hondapowerproductsindia ବ୍ରାଉଜିଂ କରାଯାଇ ପାରିବ ।

ଲିବାସ୍ କୁମର ପ୍ରଡ଼କ୍ଟସ୍ ବର୍ତ୍ତମାନ ଇ-କମର୍ସ ୱେବସାଇଟ୍‌ରେ ମଧ୍ୟ ଉପଲବ୍ଧ

ଭୁବନେଶ୍ୱର : ଏନଏସ୍‌ଇ ଅନ୍ତର୍ଭୁକ୍ତ ଲିବାସ୍ କୁମର ପ୍ରଡ଼କ୍ଟସ୍ ନିକଟରେ ନିଜ କମ୍ପାନୀକୁ ବିସ୍ତାର କରିବା ନିମନ୍ତେ ଘୋଷଣା କରିଛି । କମ୍ପାନୀ ପକ୍ଷରୁ ଦିଲ୍ଲୀ, ମୁମ୍ବାଇ ଓ ଦୁବାଇରେ 'ରିଆଜ୍ ଗାଙ୍ଗଜୀ ଲିବାସ୍' ନାମରେ ଏକ ଫ୍ରାଞ୍ଚାଇଜ୍ ଷ୍ଟୋର ଥିବା ବେଳେ ଆସନ୍ତା ତିନି ବର୍ଷ ମଧ୍ୟରେ କମ୍ପାନୀ ପକ୍ଷରୁ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ୧୦୦ଟି ଷ୍ଟୋର ଖୋଲିବାର ଯୋଜନା ରହିଛି । ଲିବାସ୍ ଫ୍ୟାଶନ୍ ପ୍ରଚାର ନିମନ୍ତେ କମ୍ପାନୀ ପକ୍ଷରୁ ମାଟ୍ରିମୋନି ଡଟ୍ କମ୍ ସହିତ ଗଠବନ୍ଧନ କରିଛି । ଏହା ସହିତ ମାଟ୍ରିମୋନି ଡଟ୍ କମ୍‌ର ୱେଡିଙ୍ଗବଜାର ଡଟ୍ କମ୍ ସାଇଡ୍‌ରେ ଲିବାସ୍‌ର ଭିନ୍ନ ପ୍ରୋଫାଇଲ୍ ଓ ଲିବାସ୍ ଫ୍ୟାଶନ୍ ଦୃଶ୍ୟମାନ ହେବ ।ଏହି ଅବସରରେ ଶ୍ରୀ ରିଆଜ୍ ଗାଙ୍ଗଜୀ କହିଛନ୍ତି ଯେ, ଷ୍ଟଫ୍ଲେକ୍ସ ହୁଇଲ୍ ନିମନ୍ତେନ୍ତ ଡିଜାଇନ୍ କରି ଆମେ ମହାଦ୍ୱୀପ ବାହାରକୁ ଗୋଡ ବଢାଇବାସହ ଅଥ୍‌ଲେଟ୍ସ ଓ ବଲିଉଡ୍ କଳାକାରଙ୍କ ନିମନ୍ତେ ଏକ୍ସକ୍ଲୁସିଭ୍ ଡିଜାଇନ୍ କରିବାକୁ ଯାଉଛୁ । ଏହା ବ୍ୟତିତ କମ୍ପନୀ ପକ୍ଷରୁ ଏନଏସ୍‌ଇକୁ ସୂଚିତ କରାଯାଇଛି ଯେ, ସବୁଠାରୁ ଅଧିକ ବିକ୍ରି ହେଉଥିବା ଇ-କମର୍ସ ୱେବସାଇଟ୍ ମେସୋ, ଫ୍ଲିପ୍‌କାଟ୍, ଆମାଜନ୍, ସ୍ନାପଡିଲ୍ ଓ ବିଗ୍ ବାସ୍କେଟ୍‌ରେ ମଧ୍ୟ ଲିବାସ୍‌ର ସାମଗ୍ରୀମାନ ମିଳି ପାରିବ ।ନ୍ତ

କୋଣାର୍କ ସେବା ସଙ୍ଗଠନ ପକ୍ଷରୁ ୭୨ତମ ବନମହୋତ୍ସବ ପାଳିତ

କୋଣାର୍କ : ଜୁଲାଇ ମାସର ୧ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଳିତ ହେଉଛି ୭୨ତମ ସପ୍ତଦିବସୀୟ ବନମହୋତ୍ସବ । ଏହି ଅବସରରେ କୋଣାର୍କର ଅଗ୍ରଣି ସ୍ୱେଚ୍ଛାସେବୀ ସଙ୍ଗଠନ 'ସେବା ସଙ୍ଗଠନ' ଓ କୋଣାର୍କ ଭଗବତୀ ମହାବିଦ୍ୟାଳୟର ପୂରାତନ ଛାତ୍ର ସଙ୍ଘ ପକ୍ଷରୁ ବୁଧବାର ପୂର୍ବାହ୍ନ ୯ଟା ସମୟରେ କୋଣାର୍କ ସ୍ଥିତ ଭଗବତୀ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଯାଇଛି । ଏହି ବୃକ୍ଷ ରୋପଣ କାର୍ଯ୍ୟକୁ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଓ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ସହଯୋଗ କରିଥିଲେ । 'ସେବା ସଙ୍ଗଠନ'ର ସମ୍ପାଦକ କୁନାଲ ପାତ୍ର ଙ୍କ ଅଧ୍ୟକ୍ଷତରାରେ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳର ଅଧିକାରୀ ବେଣୁଧର ବେହେରା, କୋଣାର୍କ ଭଗବତୀ ମହାବିଦ୍ୟାଳୟର ପୂରାତନ ଛାତ୍ର ସଙ୍ଘର ସଭାପତି ହୃଦାନନ୍ଦ ସେଠୀଙ୍କ ସମେତ ବନକର୍ମଚାରୀ ଓ ସେବା ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗ ଦେଇ ବିଦ୍ୟାଳୟ ପରିସରରେ ବର, ଅସ୍ୱତଥ, ଫାଶି, ବାଲିଶିଶୁ, ଲିମ୍ବ, ରକ୍ତଚନ୍ଦନ, କଦମ୍ବ, କୃଷ୍ଣଚୂଡା, ପେସ୍ତା, ରାଧାଚୂଡା ଓ ଗଙ୍ଗଶିଉଳି ଇତ୍ୟାଦି ଛାୟାପ୍ରଦାୟୀ ଦୀର୍ଘଜୀବି ବୃକ୍ଷ ରୋପଣ କରିଥିଲେ । ବୃକ୍ଷ ବଞ୍ଚିଲେ ଏ ଜୀବ ଜଗତ ବଞ୍ଚିରହିବା ସହିତ ଗ୍ଲୋବାଲ ୱାର୍ମି ଓ ବିଭିନ୍ନ ପ୍ରକାର ପ୍ରାକୃତିକ ବିପତ୍ତିରୁ ରକ୍ଷା ପାଇପାରିବେ ବୋଲି ଅତିଥିମାନେ ବୃକ୍ଷରୋପଣ ସମୟରେ ମତପୋଷଣ କରିଥିଲେ । ବର୍ଷାଋତୁ ସମୟରେ ସେବା ସଙ୍ଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇ ସବୁଜ ବଳୟ ସୃଷ୍ଟି କରିବା ଉଦ୍ୟମକୁ ପରିବେଶବିତମାନେ ସ୍ୱାଗତ କରିଛନ୍ତି । କୋଭିଡ-୧୯ର ସମସ୍ତ ନୀତିନୀୟମକୁ ଅନୁପାଳନ କରାଯାଇ ସାମଜିକ ଦୂରତାକୁ ବଜାୟୀ ରଖି ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସେବା ସଙ୍ଗଠନର କର୍ମକର୍ତ୍ତା ରଞ୍ଜନ ମୁଦୁଲି, ପବିତ୍ର ନାୟକ, କିଷାନ ସାହୁ, କାଳନ୍ଦି ଲେଙ୍କା, ଲିପୁ ସ୍ୱାଇଁ, ଅଜିତ ସ୍ୱାଇଁ, ସୌଭାଗ୍ୟ ସ୍ୱାଇଁ, ବ୍ରଜବନ୍ଧୁ ବିଶ୍ୱାଳ, ମାନସ କାଣ୍ଡି, ସତ୍ୟଜିତ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇ ସେବା କାର୍ଯ୍ୟ କରୁଛନ୍ତି ।

ରାସ୍ତା ପାର୍ଶ୍ୱ ପାଲଟିଛି ଡ଼ଷ୍ଟବିନ, ପ୍ରଶାସନର ଦୃଷ୍ଟି ପଡୁ

ଖଣ୍ଡପଡା :ସ୍ୱଚ୍ଛ ପରିବେଶ ସୁସ୍ଥ ପରିବେଶ । ସ୍ୱଚ୍ଛ ଭାରତ ଅଭିଯାନ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି । ଏଥି ନିମନ୍ତେ ଅନୁଦାନ ଅର୍ଥ ମଧ୍ୟ ମଂଜୁର କରିଛନ୍ତି । ମାତ୍ର ସଚେତନତାର ଅଭାବ ସାଙ୍ଗକୁ ସ୍ଥାନୀୟ ପ୍ରଶାସନର ଅଣଦେଖା ଯୋଗୁଁ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ କୁଢ କୁଢ ଅଳିଆ ଆବର୍ଜନା ବର୍ଷ ବର୍ଷ ଧରି ଗଦା ହୋଇ ରହୁଛି । ଖଣ୍ଡପଡା ଠାରୁ ନିକଟସ୍ଥ ବାହାଡା ଛକକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ବାହାଡା ଗ୍ରାମ ନିକଟରେ ରାସ୍ତା ପାର୍ଶ୍ୱ ଡ଼ଷ୍ଟବିନ ପାଲଟିଛି । ଯିଏ ପାରିଲା ସିଏ ସେଠି ଦୈନିକ କୁଢ କୁଢ ଅଳିଆ ନେଇ ପକାଉଛନ୍ତି । ସାମାନ୍ୟ ପବନ ବୋହିଲେ ରାସ୍ତା ସାରା ଅଳିଆ, ଆବର୍ଜନା ଉଡି ପଡୁଥିବା ବେଳେ ଏହା ମଶା, ମାଛିଙ୍କ ବଂଶ ବୃଦ୍ଧିରେ ସହାୟକ ହୋଇଛି । ବନମାଳୀପୁର ପଂଚାୟତ କର୍ତ୍ତୃପକ୍ଷ ଓ ଗାଁ କଲ୍ୟାଣ ସମିତିର କର୍ମକର୍ତ୍ତାମାନେ ଏଭଳି ସମସ୍ୟା ସଂପର୍କରେ ଅବଗତ ଥିଲେ ହେଁ ଏଥିପ୍ରତି ଦୃଷ୍ଟି ନଦେବା ପରିତାପର ବିଷୟ । ତେବେ ରାସ୍ତା ପାର୍ଶ୍ୱରୁ ଅଳିଆ, ଆବର୍ଜନା ହଟାଇବା ନିମନ୍ତେ ବ୍ଲକ ପ୍ରଶାସନ ନତୁବା ପଂଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

କଥାକାର ଅଡିଓ ବୁକ୍‌ସ ପ୍ରକାଶନର ଅନ୍‌ଲାଇନ୍ ସୁବର୍ଣ୍ଣ ଜୟନ୍ତୀ ପାଳନ

ଟରୋଣ୍ଟୋ / ରୋଡ୍‌ଆଇଲ୍ୟାଣ୍ଡ / ନସଭିଲ୍ଲେ / ମୁମ୍ବାଇ / ନୂଆଦିଲ୍ଲୀ / ଭୁବନେଶ୍ୱର / କଟକ ୧।୭ : ସମଗ୍ର ବିଶ୍ୱରେ କରୋନା ଯୋଗୁଁ ନୈରାଶ୍ୟ ଛାଇ ହୋଇଯାଇଥିବାବେଳେ କଥାକାର ଅଡିଓ ବୁକ୍‌ସ ଆନନ୍ଦ ଓ ଉଲ୍ଲାସ ଭରା ସାହିତ୍ୟର ପସରା ମେଲାଇଚାଲିଥିବା ପ୍ରସିଦ୍ଧ ଲେଖିକା ଡଃ ପ୍ରତିଭା ରାୟ ପ୍ରକାଶ କରିଛନ୍ତି । କଥାକାର ଅଡିଓ ବୁକ୍‌ସ (କେ.ଏ.ବି)ର ସୁବର୍ଣ୍ଣ ଜୟନ୍ତୀ ସଂସ୍କରଣର ଅନ୍‌ଲାଇନ୍ ଉନ୍ମୋଚନ ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଡଃ ରାୟ, ସାମ୍ପ୍ରତିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ କେ.ଏ.ବିର ସଂସ୍ଥାପକ ସୁଖେନ୍ଦୁ ପଟ୍ଟନାୟକ ଶ୍ରୋତାଙ୍କ ମଧ୍ୟରେ ସୁଖ ବାଣ୍ଟିବାରେ ଲାଗିଥିବା ଉଲ୍ଲେଖ କରିଥିଲେ । ନୀରକ୍ଷର, ଚକ୍ଷୁହୀନ ଏବଂ ଓଡ଼ିଆ ଅକ୍ଷର ପଢ଼ିପାରୁ ନଥିବା ଜନସାଧାରଣଙ୍କ ପାଇଁ କେ.ଏ.ବି ଦ୍ୱାରା ପ୍ରକାଶିତ ଶ୍ରୁତି କାହାଣୀଗୁଡ଼ିକ ଖୁବ୍ ଉପାଦେୟ ସ୍ଥାପିତ ହେବ ବୋଲି ଡଃ ରାୟ ଆଶା ପ୍ରକାଶ କରିଥିଲେ । ଆମର ଭବିଷ୍ୟତ ପିଢ଼ି ମଧ୍ୟରେ ଏହି ଶ୍ରୁତି ବିଦ୍ୟାକୁ ଆଧାର କରି ନିଜର ମାତୃଭାଷା ଓ ଓଡ଼ିଆ ସାହିତ୍ୟ ପ୍ରତି ଆଗ୍ରହ ଉଦ୍ରେକ କରାଇବା ସକାଶେ ହେଉଥିବା ଏଭଳି ସାଧୁ ଉଦ୍ୟମକୁ ଡଃ ରାୟ ବଧାଇ ଜଣାଇଥିଲେ । 'ହାତବାକ୍‌ସ' ଶୀର୍ଷକ ଏହି ଆଭାସି ସାରସ୍ୱତ ଆସରକୁ କେ.ଏ.ବି ଓ 'ଆମେ ଓଡ଼ିଆ' - 'ଆମ ଓଡ଼ିଶା' ସଂଗଠନ ମିଳିତ ଭାବରେ ଆୟୋଜନ କରିଥିଲେ । ୱେବ୍ ବୈଠକରେ ଉଦ୍‌ବୋଧନ ଦେଇ କେ.ଏ.ବିର ପ୍ରତିଷ୍ଠାତା ସୁଖେନ୍ଦୁ ପଟ୍ଟନାୟକ, ୨୦୨୦ ମସିହା ଜୁଲାଇ ମାସରେ ଶୁଭାରମ୍ଭ ହୋଇଥିବା କେ.ଏ.ବି, ୧୦୦ଟି ସପ୍ତାହରେ ୧୦୦ଟି କାଳଜୟୀ କାହାଣୀକୁ ଅଡିଓ ଜରିଆରେ ପ୍ରକାଶ କରିବାକୁ ଯାଉଥିବା ଜଣାଇଥିଲେ । ଓଡ଼ିଆ ସାହିତ୍ୟ ଭଳି ଅଗାଧ, ପ୍ରଗାଢ଼ ଓ ପ୍ରଶସ୍ତ ସମ୍ଭାର ମଧ୍ୟରେ ପାଠକକୁ ସଦାସର୍ବଦା ସବୁ ସ୍ଥାନରେ ପସନ୍ଦଯୋଗ୍ୟ ବହି ମିଳିବା ସମ୍ଭବପର ହେଉନଥିବାରୁ ସେ ଏଭଳି ଅଭିନବ ପନ୍ଥାର ଆଶ୍ରୟ ନେଇଥିବା ଶ୍ରୀ ପଟ୍ଟନାୟକ ଦର୍ଶାଇଥିଲେ ।ଏହି ସଭାରେ କେ.ଏ.ବିର ପଚାଶତମ ଭେଟି ଭାବରେ ଡଃ ପ୍ରତିଭା ରାୟଙ୍କ ଦ୍ୱାରା ଲିଖିତ ଏବଂ ତାଙ୍କର କନ୍ୟା ଡଃ ଆଦ୍ୟାଶା ଦାସଙ୍କର ସ୍ୱରରେ ପାଠ କରାଯାଇଥିବା 'ପ୍ରେମ ପତ୍ର' ନାମକ ଶ୍ରୁତିଗଳ୍ପର ଲୋକାର୍ପଣ କରାଯାଇଥିଲା । 'ପ୍ରେମ ପତ୍ର'ରେ ମା' ଓ ଝିଅଙ୍କର ସମ୍ପର୍କରେ ସୁକ୍ଷ୍ମତା, ସମ୍ବେଦନଶୀଳତା ଏବଂ ସୌନ୍ଦର୍ଯ୍ୟତାର ବିଭିନ୍ନ ଦିଗ ଓ ଦୃଷ୍ଟିକୋଣକୁ ଖୁବ୍ ପ୍ରାଳ ଓ ଜୀବନ୍ତ ଭାବରେ ଅବତାରଣା କରାଯାଇଥିବା ଡଃ ଆଦ୍ୟାଶା ଦାସ ସୂଚାଇଥିଲେ । ବୈଠକରେ ଡଃ ପ୍ରତିଭା ରାୟଙ୍କର ଜୀବନୀ ଆଧାରିତ 'ଟାଇମ୍ ପାସ୍' ଓ ସରୋଜ ବଳଙ୍କ ଦ୍ୱାରା ପ୍ରସ୍ତୁତ ଏକ ବୃତ୍ତଚିତ୍ର ଏବଂ ଓମ୍‌ପ୍ରକାଶ ମହାନ୍ତିଙ୍କଦ୍ୱାରା ପରିକଳ୍ପିତ ଅନ୍ୟ ଏକ ପ୍ରାମାଣିକ ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଡଃ ଆଦ୍ୟାଶା ଦାସ ତାଙ୍କ ମା'ଙ୍କ ଦ୍ୱାରା ଲିଖିତ 'ପଦ୍ମ ପତ୍ରରେ ଜଳ ଜଳ' ଶୀର୍ଷକ କବିତା ଆବୃତ୍ତି କରିଥିଲେ । ୱେବିନାରକୁ ସମ୍ବୋଧନ କରି ମୁଖ୍ୟ ବକ୍ତା ବିଶିଷ୍ଟ ସାହିତ୍ୟ ସମୀକ୍ଷକ ଯତୀନ୍ଦ୍ର କୁମାର ନାୟକ, ଡଃ ପ୍ରତିଭା ରାୟଙ୍କର ବିସ୍ତିର୍ଣ୍ଣ ସୃଜନଶୀଳ ପ୍ରତିଭା ଓ ପାରଦର୍ଶିତା ଉପରେ ଆଲୋକପାତ କରିଥିଲେ । ବିଶେଷ କରି ମାନବ ଓ ନିର୍ଜୀବ ବସ୍ତୁ ମଧ୍ୟରେ ଅଦ୍ଭୁତ ସମ୍ପର୍କ ଏବଂ ନିର୍ଜୀବ ମଧ୍ୟରେ କଳ୍ପନାରେ ଜୀବନ ସଞ୍ଚାର କରିବା, ଡଃ ରାୟଙ୍କର ଲେଖନୀ ମୁନରୁ ନିର୍ଗତ ହେଉଥିବା କାଳି ବଦଳରେ ରକ୍ତର ଅନନ୍ୟ ଓ ଅନବଦ୍ୟ ନମୁନାର କିୟଦଂଶ ବୋଲି ଶ୍ରୀ ନାୟକ କହିଥିଲେ । ଉନ୍ମୋଚନ ଉତ୍ସବର ଅନ୍ୟତମ ଆୟୋଜକ ଅକ୍ଷୟ ମହାନ୍ତି, ଡଃ ପ୍ରତିଭା ରାୟ ତାଙ୍କରି ଭାଷା ଓ ସ୍ୱରରେ ଏକ ଶ୍ରୁତି ପୁସ୍ତକ ସଂରଚନା କରିବାକୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମର ଶୁଭାରମ୍ଭ ନଳିନୀପ୍ରଭା ପଟ୍ଟନାୟକଙ୍କର ସୁମଧୁର ଶଙ୍ଖଧ୍ୱନୀ ସହିତ ହୋଇଥିଲା । ସୁଭ୍ରଲିନା ମହାନ୍ତି, ସ୍ୱର୍ଗତଃ ପ୍ରତିଭା ପଟ୍ଟନାୟକଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଳି ଅର୍ପଣ କରିବା ପରେ, ତାଙ୍କର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ସ୍ୱାଗତ ଭାଷଣ ପ୍ରଦାନ କରି 'ଆମେ ଓଡ଼ିଆ'-'ଆମ ଓଡ଼ିଶା'ର ପ୍ରତିଷ୍ଠାତା ଧୀରେନ୍ଦ୍ର କର, ସମସ୍ତ ଓଡ଼ିଆ ନିଜର ସ୍ୱର୍ଣ୍ଣାଭ ଐତିହ୍ୟ ଏବଂ ସମୃଦ୍ଧ ସଂସ୍କୃତି ପାଇଁ ଗର୍ବ ଓ ଗୌରାବାନ୍ୱିତ ଅନୁଭବ କରିବାକୁ ଆହ୍ୱାନ ଜଣାଇଥିଲେ । ଶୋଭାଶ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସୁନାମଧନ୍ୟ ସଂଗୀତଜ୍ଞ କୈଳାସ ବୈଷ୍ଣବ, ଦେବୀ ଶୁଭଦ୍ରାଙ୍କର ଆରାଧନାରେ ଏକ ମର୍ମସ୍ପର୍ଶୀ ଭଜନ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ସମଗ୍ର ଅଧୀବେଶନକୁ ସୁଦକ୍ଷ ସଂଚାଳକ ପ୍ରଶାନ୍ତ ଭୂୟାଁ ବେଶ ସୁନ୍ଦର, ସାବଲୀଳ ଓ ସୁଚାରୁ ରୂପେ ସଂଯୋଜନା ଏବଂ ଡିଜିଟାଲ ମଞ୍ଚକୁ ସକ୍ରୀୟ ଓ ସରସତାର ସହିତ ପରିଚାଳନା କରିଥିଲେ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଲାଲ ମହାନ୍ତି, ସତ୍ୟ ପଟ୍ଟନାୟକ, ନୀହାର ଶତପଥୀ, ଓମ୍ ପ୍ରକାଶ ମହାନ୍ତି, ମ୍ରିଣାଳିନୀ ପାଢ଼ୀ, ତାପସ ରାଜ, ସୁସ୍ମିତା ପଟ୍ଟନାୟକ, ସୁଶ୍ରୀ ମହାନ୍ତି, ରୋଜାଲୀନ ଦାସ, ନୀହାର ସାମନ୍ତରାୟ, ସୁସ୍ମିତା ଦାସ, ସୁନନ୍ଦା ମିଶ୍ର ପଣ୍ଡା, ଲିପ୍‌ସା ମହାନ୍ତି, ନଳିନୀ ପଟ୍ଟନାୟକ, ଚନ୍ଦ୍ରା ମିଶ୍ର, ମାର୍କଣ୍ଡେଶ୍ୱର ପଣ୍ଡା, ବୁଦ୍ଧିନାଥ ପାଢ଼ୀ, ଚନ୍ଦ୍ରଶେଖର ଖୁଣ୍ଟିଆ ଓ ଜେ.ପି. ଜଗଦେବ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray